ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.175 Bhubaneswar Saturday August 19 2023 | ୨୬ତମ ବର୍ଷ ସଂଖ୍ୟା-୧୭୫ ଭୁବନେଶ୍ୱର, ଶନିବାର, ଅଗଷ୍ଟ ୧୯, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଲେ ସୌମ୍ୟ: ଦୋଛକିରେ ବିଜେଡି, କାହିଁକି ଖୋଲୁପାରୁନି ମୁହଁ

ଭୁବନେଶ୍ୱର,୧୮।୮(ପି.ଏନ): ଖଣ୍ଡପଡାର ବିଧାୟକ, ବରିଷ୍ଠ ନେତା ତଥା ଦୈନିକ ସମ୍ବାଦର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଦ୍ୱାରା ଆଜି ପ୍ରକାଶିତ 'ଜନ୍ମଦିନର ଅନୁଚିନ୍ତା' ଶୀର୍ଷକ ଏକ ଲେଖାକୁ ନେଇ ଶାସକ ବିଜେଡି ଓ ପାୱାର କରିଡରରେ କମ୍ପନ। ତେବେ ସୌମ୍ୟ ନିଜର ଲେଖା ମାଧ୍ୟମରେ ଉଠାଇଥିବା ପ୍ରଶ୍ନର ଉତ୍ତର ରଖିବା ତ ଦୂରର କଥା ତାଙ୍କ କଥାକୁ ଖଣ୍ଡନ କରିବାକୁ ବି ଏପର୍ଯ୍ୟନ୍ତ ବିଜେଡି ସତସାହାସ ଜୁଟାଇପାରିନି। ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇ ରାଜ୍ୟର ବିକାଶର ନଗ୍ନ ଚିତ୍ରକୁ ପଦାରେ ପକାଇଥିବା ସୌମ୍ୟ, ବ୍ୟକ୍ତିଗତ ବ୍ୟବସାୟିକ ସ୍ୱାର୍ଥ ପାଇଁ ବିବେକ ସହ ସାଲିସ ଓ ମାଟିର କଥାକୁ ଅଣଦେଖା କରୁଥିବାକୁ ସ୍ୱୀକାର କରି ପରୋକ୍ଷରେ ପଶ୍ଚାତାପର ସନ୍ଦେଶ ଦେଇଛନ୍ତି। ଆଉ ମାଟିର ଟେକ ରଖିବା ପାଇଁ ଯେତେ ମୂଲ୍ୟ ଦେବାକୁ ପଡିଲେ ସଙ୍କୋଚ୍ କରିବା ଉଚିତ୍ ନୁହେଁ ବୋଲି ଆହ୍ୱାନ ମଧ୍ୟ ଦେଇଛନ୍ତି। ନିଜର ଏହି ଜନ୍ମଦିନ ଅନୁଚିନ୍ତାରେ ସେ ଯେଉଁସବୁ ପ୍ରସଙ୍ଗ ଉଠାଇଛନ୍ତି ତାକୁ ନେଇ ରାଜ୍ୟର ଗଣମାଧ୍ୟମ ନିଜକୁ ସୁହାଇବା ଭଳି ବିଶ୍ଳେଷଣ କରୁଛନ୍ତି। ଅବଶ୍ୟ ବିଜେଡିର ଉପସଭାପତି ପଦରେ ଥାଇ ଏକ ପ୍ରମୁଖ ସମ୍ବାଦପତ୍ରର ସମ୍ପାଦକ ଭାବେ ଏଭଳି ଲେଖା ପରସ୍ପରର ବିରୋଧାଚରଣ କରୁଛି,ମାତ୍ର ଯେଉଁସବୁ ପ୍ରସଙ୍ଗ



ଉଠାଇଛନ୍ତି ତାହା ବାସ୍ତବରେ ବର୍ତ୍ତମାନ ସମୟରେ ପ୍ରାସଙ୍ଗିକତା ବହନ କରୁଛି ଓ ସାଧାରଣ ଲୋକଙ୍କ ଭାବନାର ପ୍ରତିଫଳନ ବୋଲି ଚର୍ଚ୍ଚା ହେଉଛି ।ସୌମ୍ୟ ତାଙ୍କ ଲେଖା ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ହେଲିକପ୍ଟର ମାଧ୍ୟମରେ ସାରା ଓଡିଶା ବୁଲି ସାଧାରଣ ଲୋକଙ୍କୁ ଭେଟି ସେମାନଙ୍କଠୁ ଅଭିଯୋଗପତ୍ର ଗ୍ରହଣ କରିବା ଉପରେ ପ୍ରଶ୍ନ ଉଠାଇଛନ୍ତି । ଆମ ବ୍ୟବସ୍ଥାରେ ସାଧାରଣ ନାଗରିକଙ୍କଠୁ ଅଭିଯୋଗ ପତ୍ର ଗ୍ରହଣ କରିବା ପାଇଁ ଜିଲ୍ଲାପାଳମାନଙ୍କ ସ୍ତରରେ ସୁଯୋଗ ରହିଛି । ସଚିବଙ୍କର ଓଡିଶା ଗସ୍ତ ସମ୍ପୂର୍ଣ୍ଣ ହେଲାବେଳକୁ ପ୍ରାୟ ୩୦୦କୋଟିରୁ ଅଧିକ ଖର୍ଚ୍ଚ ହେବ ବୋଲି ସୌମ୍ୟ ଆକଳନ କରିଛନ୍ତି । କେବଳ ଜିଲ୍ଲା ଗସ୍ତ କରି ଅଭିଯୋଗ ଗ୍ରହଣ ପାଇଁ ଅଧିକ ୩୦୦କୋଟି ଟଙ୍କା ଖର୍ଚ୍ଚ କାହିଁକି କରାଯାଉଛି ଓ ସଚିବଙ୍କ ଗସ୍ତର ପ୍ରସ୍ତୁତି ଓ ବ୍ୟବସ୍ଥାରେ ବିଜେଡି ବିଧାୟକ ଓ ମନ୍ତ୍ରୀମାନେ ଦିନରାତି ଏକ୍ କରି ବର୍ଷାରେ ଛତାଧରି ତାଙ୍କ ଗସ୍ତକୁ ସଫଳ କରିବାରେ ଲାଗିଛନ୍ତି ବୋଲି ସୌମ୍ୟ କହିଛନ୍ତି । ତେବେ ଏଠାରେ ପ୍ରଶ୍ନ ଉଠୁଛି, ସୌମ୍ୟ କ'ଣ ଭୁଲ୍ କହିଛନ୍ତି ? ସାଧାରଣ ଲୋକଙ୍କଠୁ ଅଭିଯୋଗ ଗ୍ରହଣ ପାଇଁ ସରକାରୀସ୍ତରରେ ବିଭିନ୍ନ ବ୍ୟବସ୍ଥା ରହିଛି । ଏବେ ପ୍ରଯୁକ୍ତିବିଦ୍ୟା ଯୁଗରେ ଏହି ଅଭିଯୋଗ ଗ୍ରହଣର ବ୍ୟବସ୍ଥା ଆହୁରି ସରଳ ହୋଇଛି । ସରକାର ସେହି ସବୁ ଅଭିଯୋଗଗୁଡିକର ସମାଧାନ ପାଇଁ ସୁଦୃ ? ଭିତ୍ତିଭୂମି ପ୍ରସ୍ତୁତ କଲେ ସାଧାରଣ ଲୋକଙ୍କ ଅଭିଯୋଗର ତ୍ୱରିତ୍ ସମାଧାନ ସମ୍ଭବପର ହୋଇପାରିବ । କିନ୍ତୁ ସେଭଳି ହେଉନି । ମୁଖ୍ୟମନ୍ତ୍ରୀଙ୍କ ସଚିବ ଜିଲ୍ଲା ଗସ୍ତରେ ଯାଇ ମାରାଥନ୍ ସଭାସମିତିରେ ଯୋଗ ଦେଉଛନ୍ତି । ଆଉ ଏସବୁ ସ୍ଥାନୀୟ ବିଜେଡି ନେତାମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେଉଛି । ଏହି ଜିଲ୍ଲା ଗସ୍ତରୁ ସାଧାରଣ ଲୋକଙ୍କୁ କ'ଣ ସୁଫଳ ମିଳୁଛି ତାହା ବି ବୁଝାପଡୁନି । ଉଦାହରଣସ୍ୱରୂପ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନ ଜୁନ୍ ୨୯ ଓ ୩୦ତାରିଖରେ ଜଗତସିଂହପୁର ଜିଲ୍ଲା ଗସ୍ତରେ ଯାଇ ପ୍ରାୟ ୧୬୦୦ରୁ ଅଧିକ ଅଭିଯୋଗପତ୍ର ସିଧାସଳଖ ଲୋକଙ୍କଠୁ ଗ୍ରହଣ କଲେ । ଆଉ ସଭାସ୍ଥଳରେ ଘୋଷଣା କଲେ ଯେ, ଯଦି ମଠ,ମନ୍ଦିର,ଚର୍ଚ୍ଚ,ଗୀର୍ଜା, କମ୍ୟୁନିଟି ସେଂଟର ନିର୍ମାଣକୁ ନେଇ ଅନୁରୋଧ ଥିବ,ତା'ହେଲେ ୭ଦିନ ମଧ୍ୟରେ ଖୁସି ଖବର ପାଇବେ । ପ୍ରକଳ୍ପ ଅନୁମୋଦନ ହୋଇଯିବ । କିନ୍ତୁ ଲୋକ ଦେଇଥିବା ଅଭିଯୋଗ ଓ ଅନୁରୋଧ ଆଧାରରେ ତ ଏପର୍ଯ୍ୟନ୍ତ ପ୍ରକଳ୍ପ ଅନୁମୋଦନ ହେଲାନି ବରଂ ବିଧାୟକମାନେ ଯେଉଁ ତାଲିକା ଦେଲେ ତାକୁ ୭ଦିନ ମଧ୍ୟରେ ସ୍ୱ ?ଶାଳ ପ୍ରୋବ୍ଲେମ ଫଣ୍ଡରୁ ଅନୁମୋଦନ କରାଗଲା । ଜଗତସିଂହପୁର ଜିଲ୍ଲାକୁ ୪କୋଟିରୁ ଅଧିକ ଖର୍ଚ୍ଚ ଦିଆଗଲା । ସାଧାରଣ ଲୋକେ ଯେଉଁ ଲିଖିତ ଅଭିଯୋଗ ଓ ସମସ୍ୟା ଦେଇଥିଲେ ତାହା ଏବେବି ଅନିଶ୍ଚିତତା ମଧ୍ୟରେ ରହିଗଲା । ଏ ତ ଗଲା ଗୋଟିଏ ଉଦାହରଣ । ଏଭଳି ସମାନ ସ୍ଥିତି ସବୁ ଜିଲ୍ଲାରେ ପ୍ରାୟତଃ ହେଉଛି । ତେଣୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଜିଲ୍ଲା ଗସ୍ତ ପାଇଁ ଯେଉଁ ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ ହେଉଛି ସେଥିରେ ସାଧାରଣ ଲୋକଙ୍କର କ'ଣ ସୁବିଧା ହେଉଛି ତାକୁ ନେଇ ସୌମ୍ୟ ପ୍ରଶ୍ନ ଉଠାଇଛନ୍ତି । ଯାହାକି ପ୍ରାସଙ୍ଗିକତା ବହନ କରୁଛି ?

## ସମ୍ବଲପୁର ପୋଲିସକୁ ବଡ଼ ସଫଳତା, ୯ଜଣିଆ ପାଇପ୍ ଚୋର ଗ୍ୟାଙ୍ଗ ଗିରଫ



ସମ୍ବଲପୁର,୧୮।୮(ପି.ଏନ): ସମ୍ବଲପୁର ପୋଲିସକୁ ବଡ ସଫଳତା । RWSS କାର୍ଯ୍ୟାଳୟରୁ ପିଇବା ପାଣି ପାଇଁ ଆସିଥିବା ଲୁହା ପାଇପ ଚୋରି କରୁଥିବା ଏକ ଅନ୍ତରାଜ୍ୟ ଗ୍ୟାଙ୍ଗକୁ କାବୁକଲା ସମ୍ବଲପୁର ପୋଲିସ । ସମ୍ବଲପୁର ହୀରାକୁଦ ଥାନାରେ RWSS କାର୍ଯ୍ୟାଳୟରୁ ପାଇପ ଚୋରି ନେଇ ଏକ ମାମଲା ରୁଜୁ ହୋଇଥିଲା । ପୋଲିସ ଏହାର ତଦନ୍ତ କରି ଗ୍ୟାଙ୍ଗର ୯ ଜଣଙ୍କୁ ଗିରଫ କରିବାସହ ଗୋଟିଏ ପାଇପ ବୋଝେଇ ଟ୍ରକ, ଦୁଇଟି କାର ୧୦ଟି ମୋବାଇଲ, ଏବଂ ୮୭ହଜାର ଟଙ୍କା ଜବତ କରିଛି । ଏମାନେ ସମ୍ବଲପୁର ସହ ଆଖପାଖ ଜିଲ୍ଲାରୁ ପ୍ରାୟ ୨୫ରୁ ୩୦ଜାଗାରୁ ଚୋରି କରିଥିବା ଅନୁମାନ କରାଯାଉଛି । ପାଇପ ଚୋରି କରି ବାହାର ରାଜ୍ୟ ରେ ବିକ୍ରି କରୁଥିଲେ । ସମ୍ବଲପୁର ଧନୁପାଲୀ ଥାନା ଅଂଚଳର ମାଷ୍ଟରମାଇଂଡ ଏମଡି ଇମ୍ରାନ ସହ ପଡୋଶୀ ଜିଲା ଏବଂ ପଡୋଶୀ ରାଜ୍ୟରୁ ମଧ୍ୟ ଏମାନଙ୍କୁ ଗିରଫ କରିଥିବା ସାମ୍ବାଦିକ ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି ।

## ଟାଟା ପାୱାରର କାରସାଦି; ଘରେ ଜଳୁଛି ୨ଟି ବଲ୍ବ, ବିଲ୍ ଆସିଛି ୩୦ ହଜାର

ଭୁବନେଶ୍ୱର,୧୮।୮(ପି.ଏନ): ଘରେ ନା ଅଛି ଏସି ନା ଅଛି ଟିଭି। ନା ଅଛି କୌଣସି ସୌଖିନ ଜିନିଷ। ଘର ବାହାରେ ଓ ଭିତରେ ଜଳୁଛି ଦୁଇଟି ବଲ୍। ତଥାପି ଗତ ମାସ ବିଦ୍ୟୁତ ବିଲ୍ ଆସିଛି ୩୦ରୁ ଅଧିକ ଟଙ୍କା। ଖାଲି ବିଲ୍? ଆସିନି, ନାଲି ଆଖି ମଧ୍ୟ ଦେଖାଇଛି ଟାଟା ପାୱାର୍। ଯାହାକୁ ନେଇ ଚିନ୍ତାରେ ଖାଉଟି। ଚାଷବାସ କରି ଚଳୁଥିବା ଗରିବ ମଳିମୁଣ୍ଡିଆଟିଏ। ପାଟିକୁ ଦାନା ଓ ଗାଣ୍ଠିକୁ କନା ଖଣ୍ଡିଏ ପାଇଁ କାହିଁ ତେଳେ ସଂଘର୍ଷ କରିବାକୁ ପଡୁଥିବା ବେଳେ ଏତେ ଟଙ୍କା ଦେବେ କେମିତି ଜୋସେଫ କୁଜୁର ସୁନ୍ଦରଗଡ ଜିଲ୍ଲା ରାଜଗାଙ୍ଗପୁର ବ୍ଲକ୍ ସୋନାଖାନ୍ ଗାଁରେ ବାସ କରୁଥିଲେ ଜୋସେଫ କୁଜୁର। ଚାଷ କାମ କରି ଚଳୁଥିଲେ।



ପରିବାର କହିଲେ ବାପାମାଆ ଓ ଝିଅ। ସକାଳ ହେଲେ ସମସ୍ତେ ଚାଷ କାମ ପାଇଁ ଚାଲି ଯାଉଥିଲେ। ଆଉ ସନ୍ଧ୍ୟାରେ ଘରକୁ ଫେରୁଥିଲେ। ସେହି ରାତି କେଇ ଘଣ୍ଟା ପାଇଁ ବିଦ୍ୟୁତ ବଲ୍ ଜଳାଉ ଥିଲେ ଜୋସେଫ୍। ୨୦୧୯ ମସିହାରେ ସେ ଘରକୁ ବିଦ୍ୟୁତ ସଂଯୋଗ ନେଇଥିଲେ। ପ୍ରତି ମାସ ଆସୁଥିବା ବିଲ୍ ପୈଠ କରୁଥିଲେ। ବେଳେ ବେଳେ କିଛି ବକେୟା ବାକି ରହିଯାଉଥିଲା। ତେବେ ୨୦୨୧ ମସିହାରେ ତାଙ୍କ ଘରକୁ ୬୯୯୯ ଟଙ୍କାର ବକେୟା ବିଲ୍ ଆସିଥିଲା। ଜୋସେଫ୍ ଜାଣିବା ପରେ ସମ୍ପୂର୍ଣ୍ଣ ବିଲ୍ ପୈଠ କରିଥିଲେ।

## ଲାଲୁଙ୍କ ଜାମିନ ଖାରଜ ପାଇଁ ସୁପ୍ରିମକୋର୍ଟରେ ସିବିଆଇ, ୨୫ରେ ଶୁଣାଣି

ନୂଆଦିଲ୍ଲୀ,୧୮।୮(ପି.ଏନ): ଆରଜେଡି ସୁପ୍ରିମ ଲାଲୁ ପ୍ରସାଦ ଯାଦବଙ୍କୁ ମିଳିଥିବା ଜାମିନକୁ ଖାରଜ କରିବା ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିଛି ସିବିଆଇ। ଗୋ-ଖାଦ୍ୟ ଦୁର୍ନୀତି ଲାଲୁଙ୍କୁ ଝାରଖଣ୍ଡ ହାଇକୋର୍ଟ ଜାମିନ ଦେଇଛନ୍ତି। ଏଥିଯୋଗୁ ସେ ଜେଲ ବାହାରେ ରହିଛନ୍ତି। କିନ୍ତୁ ଏହାର ରଦ୍ଦ କରିବା ଉଦ୍ଦେଶ୍ୟରେ ସିବିଆଇ ସୁପ୍ରିମକୋର୍ଟରେ ପହଞ୍ଚିଛି। ସର୍ବୋଚ୍ଚ ଅଦାଲତ ମଧ୍ୟ ଏହାର ଶୁଣାଣି କରିବାକୁ ରାଜି ହୋଇଛନ୍ତି। ଆସନ୍ତା ୨୫ ତାରିଖରେ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡଙ୍କ ନେତୃତ୍ୱାଧୀନ ୩ ଜଣିଆ ଖଣ୍ଡପୀଠ ସିବିଆଇ ଆବେଦନର ଶୁଣାଣି କରିବେ।

### ରାଂଚି ଚାଲାଣ ବେଳେ ଅବକାରୀ ଚଢାଉ : ୨୧୫ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ସମ୍ବଲପୁର,୧୮।୮(ପି.ଏନ): ସମ୍ବଲପୁର ଜିଲ୍ଲା ଅବକାରୀ ଗୁଇନ୍ଦା କାର୍ଯ୍ୟାଳୟକୁ ଏକ ବଡ଼ ସଫଳତା ମିଳିଛି । ଧମା ଗଏନପୁରା ଛକ ନିକଟରେ ରାଞ୍ଚି ଚାଲାଣ ପୂର୍ବରୁ ୨୧୫ କେଜି ଗଞ୍ଜେଇ ଆଜି ଅବକାରୀ ଗୁଇନ୍ଦା ବିଭାଗ ଜବତ କରିଛି। ବିଶେଷ ସୂତ୍ରରୁ ଖବର ପାଇଁ ଅବକାରୀ ଗୁଇନ୍ଦା କାର୍ଯ୍ୟାଳୟର ଏକ ସ୍ୱତନ୍ତ୍ର ଟିମ୍ ଛକି ରହିଥିବା ବେଳେ ସୁବର୍ଣ୍ଣପୁର ଜିଲ୍ଲାରୁ ଝାରଖଣ୍ଡ ରାଜ୍ୟର ରାଞ୍ଚିକୁ ଏକ ଚାରିଚକିଆ କାରରେ ୨୧୫ କେଜି ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଅବକାରୀ ସ୍କ୍ୱାର୍ଡ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରିଛି । ଜବତ ହୋଇଥିବା ଏହି ଗଞ୍ଜେଇ ସହ କାରର ମୂଲ୍ୟ ପ୍ରାୟ ୨୬ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଗଞ୍ଜେଇ ଚୋରା ଚାଲାଣରେ ଗିରଫ ହୋଇଥିବା ଅଭିଯୁକ୍ତ ଜଣକ ସମ୍ବଲପୁର ଜିଲ୍ଲା ରାସନପୁର ଗ୍ରାମର ଯଶୋବନ୍ତ ଗଡ଼ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

### ୧୩ ଜିଲ୍ଲାକୁ ଅରେଂଜ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର , ୧୮।୮(ପି.ଏନ): ଉତର-ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତୀ ଅଂଚଳରେ ସକ୍ରିୟ ଲଘୁଚାପ କ୍ଷେତ୍ର ଏବଂ ପ୍ରଭାବରେ ରାଜ୍ୟର କିଛି ଜିଲ୍ଲାରେ ବର୍ଷା ଜାରି ରହିଛି। ଆଗାମୀ ୨ ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ୨୪ ଘଂଟା ମଧ୍ୟରେ ୧୩ ଟି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା (୭ରୁ ୨୦ ସେମି) ହେବାର ସମ୍ଭାବନା ରହିଛି।

## ମାହାଙ୍ଗାରେ ନାବାଳିକା ମୃତ୍ୟୁ ଘଟଣାରେ ପ୍ରତାପ ଜେନା ମୁଖ୍ୟ ଷଡଯନ୍ତ୍ରକାରୀ

ଭୁବନେଶ୍ୱର,୧୮।୮(ପି.ଏନ): ମାହାଙ୍ଗାରେ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟ ଷଡଯନ୍ତ୍ରକାରୀ। ତାଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ। ରାଜ୍ୟ ବିଜେପି ଉପସଭାନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଦାବି କରିଛନ୍ତି ।ସେ କହିଛନ୍ତି, ବିଜେଡି ନେତା ତଥା ମାହାଙ୍ଗା ବ୍ଲକର ପୂର୍ବତନ ଅଧକ୍ଷ ଶରତ ନାୟକ ପ୍ରତାପ ଜେନାଙ୍କ ସହଯୋଗୀ ଥିଲେ। ସେ ପୁଲିସକୁ ଲଗାଇ ପୂରା ଘଟଣାକୁ ଚାପି ଦେବାକୁ ଷଡଯନ୍ତ୍ର ରଚିଥିଲେ। ଗତକାଲି ଶରତ ନାୟକଙ୍କୁ ବିଜେଡିରୁ ନିଲମ୍ବିତ କରାଗଲା। କିନ୍ତୁ ଯେଉଁ ପୁଲିସ ଅଧିକାରୀମାନେ ଦୀର୍ଘ ୨ମାସ କାଳ ଘଟଣାକୁ ଚାପି ରଖିଥିଲେ ଓ ଆଗକୁ ଚାପି ଦେବାକୁ ଚେଷ୍ଟା କରୁଥିଲେ, ଆଉ ଛାତ୍ରୀର ମୃତଦେହକୁ ଶବ ବ୍ୟବଚ୍ଛେଦ



କଲେ ନାହିଁ, ସେମାନଙ୍କ ଉପରେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଏହା ସହ ଏହି ଘଟଣାର ମୁଖ୍ୟ ଷଡଯନ୍ତ୍ରକାରୀ ପ୍ରତାପ ଜେନାଙ୍କୁ ମଧ୍ୟ ତଦନ୍ତ ପରିସର ଭୁକ୍ତ କରାଯାଇ ନାହିଁ। ସେ ମଧ୍ୟ ତଦନ୍ତ ଭିତରକୁ ଆସିବା ଆବଶ୍ୟକ। ଏହି କଥା ଆମେ ରାଜ୍ୟ ସରକାରଙ୍କ ପାଖରେ ଦାବି କରୁଛୁ।

### ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ୍ କଲେଜ ଆଣ୍ଡ ହସ୍ପିଟାଲ୍‌ରେ ଭୟାବହ ଅଗ୍ନିକାଣ୍ଡ

ବାରିପଦା,୧୮।୮(ପି.ଏନ): ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ୍ କଲେଜ ଆଣ୍ଡ ହସ୍ପିଟାଲ୍‌ରେ ଭୟାଭୟ ଅଗ୍ନିକାଣ୍ଡ ଘଟିଛି। ମେଡିକାଲ୍‌ର ତୃତୀୟ ମହଲାରୁ ନିଆଁ ଲାଗିଥିଲା। ମାତ୍ର ଏଥିରେ କେହି ମୃତାହାତ ହୋଇନଥିବା ଜଣାପଡିଛି। ବର୍ତ୍ତମାନ ସୁଦ୍ଧା ଅଗ୍ନିକାଣ୍ଡର କାରଣ ଜଣାପଡି ନାହିଁ।

### ଓଡ଼ିଆ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ହେବେ ପ୍ରଫେସର ସବିତା ପ୍ରଧାନ

ଭୁବନେଶ୍ୱର , ୧୮।୮(ପି.ଏନ): ପୁରୀ ଜିଲ୍ଲା ସତ୍ୟବାଦୀ ସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଭାବେ ପ୍ରଫେସର ସବିତା ପ୍ରଧାନଙ୍କୁ ନିଯୁକ୍ତି ମିଳିଛି। କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ତାଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ପ୍ରଫେସର ସବିତା ପ୍ରଧାନଙ୍କୁ ୨ ବର୍ଷ ପାଇଁ ଏହି ଦାୟିତ୍ୱରେ ରହିବେ ।

## ୨୫ରେ ଆସୁଛି ଆଉ ଏକ ଲଘୁଚାପ, ୨୩ରୁ ବଢ଼ିବ ବର୍ଷା

ଭୁବନେଶ୍ୱର,୧୮।୮(ପିଏନ):୨୫ ତାରିଖରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହାର ପ୍ରଭାବରେ ୨୩ ତାରିଖ ପରଠାରୁ ରାଜ୍ୟରେ ବର୍ଷାର ପରିମାଣ ବଢ଼ିବ ଏନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ ।ସେପଟେ ଗୁରୁବାର ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ଆଜି ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଉତ୍ତର-ଓଡିଶା ତଟ-ସଂଲଗ୍ନ ପଶ୍ଚିମବଙ୍ଗ ଉପକୂଳ ଅଞ୍ଚଳରେ ସକ୍ରିୟ ରହିଛି। ଏହା



ଆଗାମୀ ୨ ରୁ ୩ ଦିନ ଯାଏଁ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତିକରି ଉତ୍ତର ଓଡିଶା-ଉତ୍ତର ଛତିଶଗଡ ମୁହାଁ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆଗାମୀ ୨ଦିନ ଧରି ବର୍ଷା ହେବାର ଚେତାବନୀ ଦେଇଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର।

## ୨ ଗୃହରେ ୭ଟି ଶ୍ରେଣୀ, ରଙ୍ଗରଙ୍ଗା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅଭିଭାବକ ଅସନ୍ତୋଷ

କୋରାଇ, ୧୮।୮(ପି.ଏନ): ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଏବେ ବିପର୍ଯ୍ୟସ୍ତ। ସର୍ବଶିକ୍ଷା ଅଭିଯାନର ସମସ୍ତେ ପଢ଼ନ୍ତୁ ସମସ୍ତେ ବଢ଼ନ୍ତୁ ଏବେ ଦିଗହରା। ୭ଟି ଶ୍ରେଣୀ ପାଇଁ ମାତ୍ର ଦୁଇଟି ଗୃହରେ ଚାଲିଛି ଶିକ୍ଷାଦାନ। ଯାହା ଫଳରେ ଛାତ୍ର/ଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଉଛି। ଯାଜପୁର ଜିଲ୍ଲାର କୋରାଇ ବ୍ଲକ ଅନ୍ତର୍ଗତ ଅମୃତିଆ ପଂଚାୟତର ରଙ୍ଗରଙ୍ଗା ସରକାରୀ ପ୍ରାଥମିକ ବିଦ୍ୟାଳୟର ଏଭଳି ଅବସ୍ଥା। ଗୋଟିଏ ସ୍ଥାନରେ ପ୍ରଥମରୁ ଦଶମ ବିଦ୍ୟାଳୟ ଅବସ୍ଥିତ। ହେଲେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଏଠି ସମ୍ପୂର୍ଣ୍ଣ ଭୁଷୁଡ଼ି ପଡ଼ିବାର ଅଭିଯୋଗ ଆଣିଛନ୍ତି ଅଭିଭାବକ ଓ ଗ୍ରାମବାସୀ। ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଠାରୁ ଆରମ୍ଭ କରି ସ୍ଥାନୀୟ ଜନପ୍ରତିନିଧି ଓ ବିଧାୟକ ପର୍ଯ୍ୟନ୍ତ ଅଭିଯୋଗ କଲାପରେ ବି କିଛି ସୁଫଳ ମିଳୁନି। ବିଦ୍ୟାଳୟରେ ଆବଶ୍ୟକୀୟ ଶ୍ରେଣୀ ଗୃହ ଅଭାବ ମୁଖ୍ୟ ସମସ୍ୟା ପାଲଟିଛି। ପୂର୍ବରୁ ୪ଟି ଶ୍ରେଣୀ ଗୃହରେ ପ୍ରଥମରୁ ସପ୍ତମ ପର୍ଯ୍ୟନ୍ତ ପିଲାଙ୍କୁ ପାଠ ପଢ଼ା ଯାଉଥିଲା। ପରେ ୨ଟି ଗୃହ ଭାଙ୍ଗିଯିବାରୁ ଏବେ ମାତ୍ର ୨ଟି ଶ୍ରେଣୀ ଗୃହରେ ୭ଟି ଶ୍ରେଣୀର ପିଲାଙ୍କୁ ବସାଯାଉଛି। ଅଭିଭାବକଙ୍କ ହସ୍ତକ୍ଷେପ ଫଳରେ ଗ୍ରାମ୍ୟ କୋଠ ଘରେ ଏବେ ଗୋଟିଏ ଶ୍ରେଣୀ ଚାଲୁରହିଛି। ଯାହା ବିଦ୍ୟାଳୟ ଠାରୁ ୫ ଶହ ମିଟର ଦୂରରେ। ଏହା ସମସ୍ୟାର ସମାଧାନ ନୁହେଁ। ଅଭିଯୋଗ ପରେ କୋରାଇ ବିଧାୟକ ଅଶୋକ କୁମାର ବଳ ଉକ୍ତ ବିଦ୍ୟାଳୟ ପରିଦର୍ଶନରେ ଯାଇ ସମସ୍ୟା ସମାଧାନ ପାଇ ପ୍ରତିଶୃତି ଦେଇଥିଲେ। ପରଦିନ ଯାଜପୁର ବିଧାୟକଙ୍କ ପ୍ରତିନିଧି ଭବ ପ୍ରକାଶ ଦାସ ବିଦ୍ୟାଳୟ ପରିଦର୍ଶନ କରି ସମାଧାନର ପୁନଃ ପ୍ରତିଶୃତି ଦେଇଥିଲେ। କିନ୍ତୁ ପ୍ରତିଶୃତି ଏବେ ପ୍ରତିଶୃତିରେ ଅଟକିଛି। ବର୍ଷାଦିନ ଯୋଗୁ ପୂର୍ବ ଭଳି ସ୍କୁଲ ବାରଣ୍ଡାରେ ପିଲାଙ୍କୁ ବସାଇ ଶିକ୍ଷାଦାନ କରିବା ସମ୍ଭବ ବି ନୁହେଁ। ଫଳରେ ଏକ ପ୍ରକାର ଶିକ୍ଷାଦାନ ଠପ୍ ହେବାକୁ ବସିଛି। ବିଭାଗୀୟ ଅଧିକାରୀଙ୍କ ଠାରୁ ଜନପ୍ରତିନିଧିଙ୍କ ପ୍ରତିଶୃତି କେବେ କାର୍ଯ୍ୟକାରୀ ହେବ ତାକୁ ଚାହିଁ ବସିଛନ୍ତି ଗ୍ରାମବାସୀ। ପ୍ରତିଶୃତିର ବାସ୍ତବତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ତୁରନ୍ତ ଛାତ୍ର/ଛାତ୍ରୀଙ୍କ ଭବିଷ୍ୟତ ପାଇଁ ବିଦ୍ୟାଳୟର ୫ଟି ଶ୍ରେଣୀ ଗୃହ ନିର୍ମାଣ ଦିଗରେ ଜିଲ୍ଲା ପ୍ରଶାସନ ଓ ଜନପ୍ରତିନିଧି ଗୁରୁତ୍ୱ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।










# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୂତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍‌ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍‌ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧ୍ୱରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ୍ୱ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧ୍ୱର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ସ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପ୍ୟୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

# ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ରକ୍ତଦାନ ମହାପୁଣ୍ୟ: ନଷ୍ଟ ହେବା ପରେ ବି କାମରେ ଲାଗୁଛି



ରକ୍ତର ବିକଳ୍ପ ହିଁ ନାହିଁ। ତେବେ ଆଜି ଏହି ରକ୍ତ ସଂକଟ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଯେତିକି ଚିନ୍ତାଗ୍ରସ୍ତ କରୁଛି ତତୋଧିକ ଉଦ୍‌ବେଳିତ କରୁଛି ମୁମୂର୍ଷୁଟିକୁ। ଦିନକୁ ଦିନ ଅଭାବନୀୟ ଘଟଣାଚକ୍ରରେ ଖୋଜା ପଡୁଥିବା ରକ୍ତ ଖୁବ୍ କମ ମାତ୍ରାରେ ମିଳୁଥିବାରୁ ଏହାକୁ ନେଇ ଅଧିକାଂଶ କ୍ଷେତ୍ରରେ ମୁମୂର୍ଷୁଟିର ଜୀବନ ଦୀପ ନିର୍ବାପିତ ହେଉଛି। ସରକାରୀସ୍ତର ଆଉ ବେସରକାରୀସ୍ତରରେ ରକ୍ତଦାନ ଶିବିର ବ୍ୟାପକ ଭାବରେ ଆୟୋଜିତ ହେବା ସହ ଏ ନେଇ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

କଥାରେ ଅଛି ରକ୍ତଦାନ ମହାପୂଣ୍ୟ। ରକ୍ତ ଦେଇ କାହାର ମୂଲ୍ୟବାନ ଜୀବନ ରକ୍ଷା କରିବା ଠାରୁ ଆଉ ମହତ କାର୍ଯ୍ୟ କିଛି ନାହିଁ। ଏହି ରକ୍ତ ନା କେବଳ ରୋଗୀ ଶରୀରରେ ପ୍ରବେଶ କରି ତାଙ୍କ ଜୀବନ ରକ୍ଷା କରୁନାହିଁ ବରଂ ଏହାର ବିଭିନ୍ନ ଉପାଦାନ ମଧ୍ୟ ଲୋକଙ୍କୁ ଦୂରାରୋଗ୍ୟ ବ୍ୟାଧିରୁ ରକ୍ଷା କରୁଛି। ଏପରିକି ନଷ୍ଟ ହୋଇଯାଇଥିବା ରକ୍ତରୁ ମଧ୍ୟ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତ କରିଛନ୍ତି। ଓଡ଼ିଶାରେ ବାର୍ଷିକ ୫ଲକ୍ଷ ୟୁନିଟ ରକ୍ତ ସଂଗ୍ରହ କରାଯାଉଥିବା ବେଳେ ଏହାର ସିଂହଭାଗ ରକ୍ତ ସିଧାସଳଖ ବ୍ୟବହାର ହେଉଛି। ତେବେ ବଳକା କ୍ରତ, ପ୍ଲାଜମା ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତି ପାଇଁ ବ୍ୟବହାର ହେଉଛି। ପୂର୍ବରୁ ଏହାକୁ ନଷ୍ଟ କରିଦିଆଯାଉଥିଲା, କିନ୍ତୁ କୋଭିଡ୍ ମହାମାରୀ ପରେ ବ୍ଲଡ୍ ବ୍ୟାଙ୍କ ପକ୍ଷରୁ ଏହାକୁ ଔଷଧ ପ୍ରସ୍ତୁତକାରୀ କମ୍ପାନୀରୁ ଦିଆଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ବିକ୍ରି ଅର୍ଥ ସମ୍ପୃକ୍ତ ରକ୍ତ ଭଣ୍ଡାରର ବିକାଶ ପାଇଁ ବ୍ୟୟ କରାଯାଉଛି। ଏହି ଅର୍ଥ ରକ୍ତ ଭଣ୍ଡାର ଉପରେ ନିର୍ଭର କରୁଥିବା ରୋଗୀଙ୍କ କଲ୍ୟାଣ ଦିଗରେ ବ୍ୟୟ କରାଯାଉଛି।

ମଣିଷ ରକ୍ତକୁ ଆଠଟି ବର୍ଗରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଲା ଓ+, ଓ-, ଏ+, ଏ, ବି+, ବି- ଏବଂ ଏବି। ବିଶ୍ୱରେ ପ୍ରତି ୩ଜଣରେ ଜଣେ ଓ+, ପ୍ରତି ୧୫ ଜଣରେ ଜଣେ ଓ-, ପ୍ରତି ୩ ଜଣରେ ଜଣେ ଏ+, ପ୍ରତି ୧୬ ଜଣରେ ଜଣେ ଏ-, ପ୍ରତି ୧୨ ଜଣରେ ଜଣେ ବି+, ପ୍ରତି ୬୭ଜଣରେ ଜଣେ ବି-, ପ୍ରତି ୨୯ଜଣରେ ଜଣେ ଏବି+ ଏବଂ ପ୍ରତି ୧୬୭ ଜଣରେ ଜଣେ ଏବି- ରକ୍ତବର୍ଗର ମଣିଷ ଓ- ବର୍ଗର ରକ୍ତ ଯେ କୌଣସି ରକ୍ତବର୍ଗ ଥିବା ମଣିଷ ଗ୍ରହଣ କରିପାରନ୍ତି। ଏଣୁ ଏହାର ଚାହିଦା ସର୍ବାଧିକ। ତେବେ ମାତ୍ର ୭ ପ୍ରତିଶତ ଭାରତୀୟ ଏହି ବର୍ଗର ରକ୍ତଧାରୀ। ପ୍ରତ୍ୟେକ ସୁସ୍ଥ ସବଳ ପ୍ରାପ୍ତ ବୟସ୍କ ମଣିଷ ଶରୀରରେ ପ୍ରାୟ ୧୦ ୟୁନିଟ୍ ବା ୧୦ ପିଣ୍ଟ ରକ୍ତ ଥାଏ। ସେ ଚାହିଁଲେ ପ୍ରତି ୫୬ ଦିନରେ ଥରେ ମାତ୍ର ୧ ପିଣ୍ଟ ରକ୍ତଦାନ କରିପାରେ। ଉଲ୍ଲେଖଯୋଗ୍ୟ ଯେ ହୃଦୟର ଶଲ୍ୟ ଚିକିତ୍ସା ବା ହାର୍ଟ ସର୍ଜରୀ ବେଳେ ୬ ପିଣ୍ଟ ରକ୍ତ, ଅସ୍ଥିମଜ୍ଜା ପ୍ରତିରୋପଣ ବେଳେ ୧୨୦ ପିଣ୍ଟ ରକ୍ତ ଏବଂ ଅଙ୍ଗ ପ୍ରତିରୋପଣ ବେଳେ ୪୦ ପିଣ୍ଟ ରକ୍ତ ଆବଶ୍ୟକ ହୋଇଥାଏ। ତା'ଛଡ଼ା ସଡ଼କ ଦୁର୍ଘଟଣା ଓ ଅଗ୍ନି ଦ୍ୱାରା ଗୁରୁତର ଆହତ ହେଉଥିବା ଲୋକଙ୍କ ପାଇଁ ମଧ୍ୟ ୫୦ ପିଣ୍ଟ ପର୍ଯ୍ୟନ୍ତ ରକ୍ତ ଦରକାର ହୋଇଥାଏ। ରକ୍ତଦାନ ସମ୍ପର୍କରେ ରକ୍ତଦାତା ଓ ରକ୍ତ ନେଉଥିବା ଲୋକଙ୍କ ଭିତରେ ଅନେକ ଭୁଲ ଧାରଣା ଓ ଅନ୍ଧବିଶ୍ୱାସ ରହିଥାଏ। ପ୍ରତ୍ୟେକ ମଣିଷ ଶରୀରରେ ରକ୍ତର ବିଭିନ୍ନ ଉପାଦାନ ୧୨୦ ଦିନ ପର୍ଯ୍ୟନ୍ତ ରହିଲା ପରେ ନଷ୍ଟ ହୋଇଯାଏ। ଶ୍ୱେତରକ୍ତ କଣିକା ମାତ୍ର ସାତ ଘଣ୍ଟା ଶରୀରରେ ରହିପାରୁଥିବା ବେଳେ, ପ୍ଲେଟଲେଟ ପାଞ୍ଚଦିନ ଓ ଲୋହିତ ରକ୍ତକଣିକା ପାଖାପାଖି ଚାରିମାସ ଶରୀରରେ ରହିଲା ପରେ ନଷ୍ଟ ହୋଇଯାଏ। ସବୁଠାରୁ ବଡ଼ କଥା ହେଉଛି ଜଣେ ରକ୍ତଦାତା ରକ୍ତଦାନ କରିବାର ପନ୍ଦର ଦିନ ଭିତରେ ତାଙ୍କ ଶରୀରରେ ଦାନ କରିଥିବା ରକ୍ତର ଭରଣା ହୋଇଯାଇଥାଏ। ସେହିପରି ନିୟମିତ ରକ୍ତଦାନ କରିବା ଦ୍ୱାରା ଶରୀରରୁ ଚର୍ବିର ଅଂଶ କମ୍ ହୋଇଯିବା ସହ ହୃଦରୋଗ ଓ ଉଚ୍ଚରକ୍ତଚାପର ସମ୍ଭାବନା ହ୍ରାସ ପାଇଥାଏ।

ରାଜ୍ୟର ୩୦ ଜିଲ୍ଲାରେ ୫୭ଟି ରକ୍ତ ଭଣ୍ଡାର ରହିଥିବାବେଳେ ବାର୍ଷିକ ପ୍ରାୟ ୫ ଲକ୍ଷ ୟୁନିଟ ରକ୍ତ ସଂଗ୍ରହ କରାଯାଇଥାଏ। ଗତ ବର୍ଷ ୪୯୪୨ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଏବଂ ୨୬୦୫୮୧ ଆଉଟଡୋର କ୍ୟାମ୍ପ ଜରିଆରେ ସମୁଦାୟ ୪୮୬୪୮୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସଂଗୃହୀତ ରକ୍ତକୁ ବ୍ୟବହାର ଅନୁସାରେ ଭିନ୍ନ ଭିନ୍ନ ତାପମାତ୍ରାରେ ସଂରକ୍ଷିତ ରଖାଯାଇଥାଏ। ତେବେ ୩୫ ଦିନ ପରେ ରକ୍ତ ଆଉ ବ୍ୟବହାରଯୋଗ୍ୟ ହୋଇନଥାଏ। ରାଜ୍ୟରେ ସଂଗ୍ରହ କରାଯାଉଥିବା ସମୁଦାୟ ୟୁନିଟରୁ ପ୍ରାୟ ୧ ପ୍ରତିଶତ ଜୀବନକାଳ ଶେଷ ହୋଇଯାଇଥାଏ। ରକ୍ତ ସଂଗ୍ରହ ପରେ ସେଥିରେ ଏଚଆଇଭି, ହେପାଟାଇଟିସ ବି ଓ ସି, ଏଚ୍‌ଟିଏଲଭି, ଓ୍ୱେଷ୍ଟ ନାଇଲ ଭାଇରସ ଆଦି ଯାଞ୍ଚ କରାଯାଇଥାଏ। ସଂଗୃହୀତ ରକ୍ତରେ ଏହି ରୋଗ ଜୀବାଣୁ ଚିହ୍ନଟ ହେଲେ ତାହା କୌଣସି ରୋଗୀଙ୍କୁ ଦିଆଯାଇ ପାରିବନାହିଁ। ପୂର୍ବରୁ ଏହାକୁ ବୈଜ୍ଞାନିକ ପଦ୍ଧତିରେ ନଷ୍ଟ କରିଦିଆଯାଉଥିଲା। ତେବେ ସମ୍ପ୍ରତି ଏଥିରୁ ଫାର୍ମା କମ୍ପାନୀ ବହୁ ଗୁରୁତ୍ୱପୂର୍ଣ୍ଣ ଉପାଦାୟ ବାହାର କରି ସେଥିରୁ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତ କରୁଛନ୍ତି। ଅପରପକ୍ଷେ ପ୍ରତ୍ୟେକ ବ୍ଲଡ ବ୍ୟାଙ୍କରେ ରକ୍ତରୁ ପ୍ଲାଜମା ସଂଗ୍ରହ କରାଯାଇଥାଏ। ଗୋଟିଏ ୟୁନିଟ ରକ୍ତରୁ ପ୍ଲାଜମା ସମେତ ପ୍ଲେଟଲେଟ ଓ ପିଆରଭିସି ବାହାର କରାଯାଏ। ଏଗୁଡ଼ିକ କର୍କଟ, ଡେଙ୍ଗୁ, କୋଭିଡ୍ ଆଦି ରୋଗୀଙ୍କୁ ଦିଆଯାଏ। ତେବେ ଅନେକ ସମୟରେ ଏହି ପ୍ଲାଜମା ରୋଗୀଙ୍କ କାମରେ ଆସିନଥାଏ। ପୂର୍ବରୁ ଏହାକୁ ନଷ୍ଟ କରି ଦିଆଯାଉଥିଲା। ତେବେ କେନ୍ଦ୍ର ସରକାର ନୂଆ ଗାଇଡ୍‌ଲାଇନ ଆଣିବା ପରେ ସେଗୁଡ଼ିକୁ ଟେଣ୍ଡର ମାଧ୍ୟମରେ ଔଷଧ ପ୍ରସ୍ତୁତକାରୀ କମ୍ପାନୀକୁ ଯୋଗାଇ ଦିଆଯାଉଛି ଏବଂ କେନ୍ଦ୍ର ସରକାର ସମ୍ପୃକ୍ତ ରକ୍ତ ଭଣ୍ଡାରକୁ ପ୍ରତିବଦଳରେ ଅର୍ଥ ପ୍ରଦାନ କରୁଛନ୍ତି। ଅବ୍ୟବହୃତ ପ୍ଲାଜମା ସରକାରୀ ନିର୍ଦ୍ଧାରିତ ଦରରେ ଅନୁମତିପ୍ରାପ୍ତ କମ୍ପାନୀକୁ ଯୋଗାଇ ଦିଆଯାଉଛି। ପ୍ଲାଜମାରୁ ଆଲବୁମିନ, ଫାକ୍ଟର-୮, ଫାକ୍ଟର-୯ ପ୍ରସ୍ତୁତ କରାଯାଉଛି। ପ୍ଲାଜମା ପ୍ରତିବଦଳରେ ୟୁନିଟ ପିଛା ରକ୍ତ ଭଣ୍ଡାରକୁ ୧୬୦୦ ଟଙ୍କା ମିଳୁଛି।

ରକ୍ତଦାନ କଲେ କୌଣସି କ୍ଷତି ହୁଏନାହିଁ। କେବଳ ରକ୍ତଦାତାଙ୍କର ଲାଭ ହିଁ ହୋଇଥାଏ। ଜଣେ ଯଦି ୧୮ ବର୍ଷରୁ ରକ୍ତଦାନ ଆରମ୍ଭ କରେ ଏବଂ ପ୍ରତି ୯୦ ଦିନରେ ଥରେ ରକ୍ତ ଦେଇଚାଲେ, ସେ ଷାଠିଏ ବର୍ଷରେ ପହଞ୍ଚିବା ବେଳକୁ ୩୦ ଗ୍ୟାଲେନ୍ ରକ୍ତ ଦେଇଥାଏ। ଯାହାଦ୍ୱାରା କି ଅନ୍ୟୁନ ୫୦୦ ଲୋକଙ୍କ ଜୀବନରକ୍ଷା ସଂଭବ। ସ୍ୱେଚ୍ଛାକୃତ ରକ୍ତଦାନଠାରୁ ବଳି ଅନ୍ୟ କିଛି ନାହିଁ। କୃତ୍ରିମ ରକ୍ତ ସୃଷ୍ଟି କରାଯାଇପାରିବ ନାହିଁ। ଏଣୁ ରକ୍ତଦାନ ଜୀବନଦାନ ସହ ସମାନ ଏକ ମହତ୍ କାର୍ଯ୍ୟ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
*ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

# ବିବାଦରେ ଟେରେସାଙ୍କ ଏନ୍‌ଜିଓ



୫୪-ଏ, ଏଜେସି ରୋଡ, କୋଲକାତା-୧୬ ସ୍ଥିତ ମିସନାରୀଜ ଅଫ୍ ଚ୍ୟାରିଟୀ (ମଦର ହାଉସ)କୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ନିକଟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଧିକ ଦୁଇପାଦ ଆଗକୁ ଯାଇ ନିଜଆଡୁ କେନ୍ଦ୍ର ସରକାରଙ୍କ ଉପରେ ଅଭିଯୋଗ କଲେ ଯେ ଏହି ସଂସ୍ଥାର ବ୍ୟାଙ୍କ ଖାତାଗୁଡିକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଷ୍କ୍ରିୟ କରିଦିଆଯାଇଛି । ଏହା ପରେ ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯେଉଁ ସୂଚନା ପ୍ରଦାନ କରାଗଲା ତାହା ହେଲା ସଂସ୍ଥାର ବ୍ୟାଙ୍କ ପକ୍ଷରୁ ଜମାଖାତା ବନ୍ଦ କରିବାକୁ ପ୍ରସ୍ତାବ ଆସିଛି, ସରକାରଙ୍କ ପକ୍ଷରୁ ନୁହେଁ । କାରଣ ବିଦେଶୀ ଅନୁଦାନ ଲାଭ କରୁଥିବା ଏହି ସଂସ୍ଥାର କାଗଜପତ୍ର ଠିକ୍ ନାହିଁ, ଡିସେମ୍ବର ୨୦୨୧ ସୁଦ୍ଧା ଅନୁମତି ଅବଧି ଶେଷ ହୋଇଯାଇଛି । ଖାତାକୁ ଚାଲୁରଖିବା ଲାଗି ଯେଉଁ ନିୟମ ରହିଛି ସଂସ୍ଥା ସେହି ନିୟମାନୁସାରେ କାର୍ଯ୍ୟ ନ କରିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ କେନ୍ଦ୍ର ସରକାରଙ୍କୁ ସୂଚନା ଦେଇଥିଲେ । ମାମଲାଟି ହେଲା ମଦର ଟେରେସାଙ୍କ ଦ୍ୱାରା ଏହି ସଂସ୍ଥାଟି ସେବା ମାଧ୍ୟମରେ ଧର୍ମାନ୍ତରଣ କରିଥାଏ । ଅତୀତ ବର୍ଷମାନଙ୍କରେ ଭାରତରେ ଲକ୍ଷଲକ୍ଷ ସଂଖ୍ୟକ ହିନ୍ଦୁଙ୍କୁ ସେବା ଯୋଗାଇଦେବା ନାମରେ ଖ୍ରୀଷ୍ଟିଆନକୁ ଧର୍ମାନ୍ତରିତ କରିଛି । ଯେହେତୁ ମଦର ଟେରେସା ନୋବେଲ ପୁରସ୍କାର ପାଇଥିଲେ ତେଣୁ ତାଙ୍କ ସଂସ୍ଥା ଯାହା କଲେ ବି କେହି କିଛି କରିବେ ନାହିଁ, କେହି କିଛି କହିବେ ନାହିଁ, ସାତଖୁଣ ମାଫ କଲା ପରି ସବୁ ଆଇନକୁ ଫାଙ୍କିଦେଇ କାମ ହୋଇପାରିବ, ତାହା ଠିକ୍ ନୁହେଁ । ଏହା ମଧ୍ୟ ସତକଥା ଯେ ଅତୀତରେ ଏହି ସଂସ୍ଥା ବିରୋଧରେ କେହି କହିବା ଦୂରେ ଥାଉ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବଡ କଷ୍ଟକର ଥିଲା । ଏହି ସଂସ୍ଥା ଉପରେ ଦୃଷ୍ଟି ପକାଇବା ପୂର୍ବରୁ ଭାଟିକାନ ସିଟିର ଲୋକେ ଭିନ୍ନ ଭିନ୍ନ ମାର୍ଗରେ ଥାଇ ଅଦୃଶ୍ୟ ଆକ୍ରମଣ କରୁଥିଲେ ।

ଏବେ ହକ୍ ଆଇ ନାମକ ଏକ ସୋସିଆଲ ମିଡିଆରେ ବିଦେଶୀ ଧନ ଗ୍ରହଣ ଆଇନ (ଏଫସିଆରଏ) ଅନୁଯାୟୀ ମିସନାରୀଜ ଅଫ୍ ଚ୍ୟାରିଟୀ ଯେଉଁ ତଥ୍ୟ ପ୍ରଦାନ କରିଛି, ସେ ବିଷୟରେ ଉଲ୍ଲେଖ କରାଯାଇଛି । ତଥ୍ୟାନୁସାରେ ୭୬ ପୃଷ୍ଠାର ଦଲିଲ ବିଶିଷ୍ଟ ଏହି ସ୍ୱେଚ୍ଛାସେବୀ ସଂସ୍ଥାର ୨୦୨୦-୨୧ର ହିସାବ ଅନୁଯାୟୀ ଗୋଟିଏ ବର୍ଷ ମଧ୍ୟରେ ୪୦୬ଜଣ ଦାତାଙ୍କଠାରୁ ୭୫କୋଟି ୧୯ଲକ୍ଷ ୩ହଜାର ଏକଶହ ଷୋହଳ ଟଙ୍କା ୬୭ପଇସା ପାଇଛି । ଦାତାଙ୍କ ମଧ୍ୟରେ ୩୪୭ ବ୍ୟକ୍ତି ଓ ୫୯ଗୋଟି ସଂସ୍ଥା ରହିଛନ୍ତି । ଆମେରିକାର ମିସନାରୀଜ ଅଫ ଚ୍ୟାରିଟୀ ସଂସ୍ଥାରୁ କେବଳ ୪୪ କୋଟି ୧୯ଲକ୍ଷ କୋଲକାତାର ସଂସ୍ଥାକୁ ଦାନସୂତ୍ରେ ଆସିଛି । ଏହାପରେ ସବୁଠି ବଡ ଦାତା ହେଉଛନ୍ତି ଦକ୍ଷିଣ ଆମେରିକାସ୍ଥିତ ଏକ ବାଣିଜ୍ୟିକ ସଂସ୍ଥା କ୍ରିତି ଫାଇନାନ୍ସ ଯାହା ୧୩କୋଟି ୫୨ଲକ୍ଷ ୮୮ହଜାର ୨୯୦ଟଙ୍କା ଦେଇଛି । ଏହି ବାଣିଜ୍ୟିକ ସଂସ୍ଥାଟି ଦକ୍ଷିଣ ଆମେରିକାର



ପାନାମା ସିଟୀରେ କାର୍ଯ୍ୟ କରୁଛି, ଯାହାର ନାମ ପାଣ୍ଡୋରା ପେପର୍ସରେ ରହିଛି ବୋଲି କୁହାଯାଇଛି । ଯାହାର ଠିକଣାଟି ହେଉଛି ଇଷ୍ଟ ୫୩ ଷ୍ଟ୍ରିଟ, ମାର୍ବେଲ୍ଲା ସ୍ୱିସ ବ୍ୟାଙ୍କ ବିଲଡିଂ ୨ୟ ମହଲା, ରିପବ୍ଲିକ ଅଫ ପାନାମା, ପାନାମା । ଅନ୍ୟ ଏକ ସଂସ୍ଥା ସିମି ଫାଉଣ୍ଡେସନ ଯାହା କ୍ରିତି ଫାଇନାନ୍ସର ମାର୍ଫତ ଠିକଣା ଦେଇଛି ସେ ମଧ୍ୟ ୨୦୧୬-୧୭ରୁ ୨୦୨୦-୨୧ ମଧ୍ୟରେ ମିସନାରୀଜ ଅଫ୍ ଚ୍ୟାରିଟୀକୁ ୩୨କୋଟି ଟଙ୍କା ଦାନ ସୂତ୍ରରେ ପ୍ରଦାନ କରିଛି । କଥା ହେଉଛି ମିସନାରୀଜ ଅଫ୍ ଚ୍ୟାରିଟୀକୁ ଦାନ ଦେଇଥିବା କ୍ରିତି ଫାଇନାନ୍ସର ଦକ୍ଷିଣ ଆମେରିକା ନିର୍ଦ୍ଦେଶକ ଓ ଅଧ୍ୟକ୍ଷ ହେଉଛନ୍ତି ଏଡଗାର୍ଡୋ ଇ.ଡିଆଜ୍ ଯାହାଙ୍କ ନାମ ପାଣ୍ଡୋରା ପେପର୍ସରେ ରହିଛି । ଏଡଗାର୍ଡୋ ପାନାମାର ଅନ୍ୟ ଏକ ସଂସ୍ଥା ବାରୀମିଲ୍ ଇନଭେଷ୍ଟମେଣ୍ଟରେ ମଧ୍ୟ ନିର୍ଦ୍ଦେଶକ ରହିଛନ୍ତି । ସେହି କମ୍ପାନୀର ଅଂଶଧନ ଓ୍ୱଖର୍ଡଟର ନିର୍ଦ୍ଦେଶକ ହବିଲ ଫଖରୁଦ୍ଦୀନ ଖୋରାକିଓ୍ୱାଲାଙ୍କ ପରିବାରବର୍ଗଙ୍କ ନାମରେ ରହିଛି ଏବଂ ତାଙ୍କ ପରିବାର ପାନାମାର ସଂସ୍ଥାରେ ୨୦ ମିଲିଅନ ଡଲାର ଅଂଶଧନ ରଖିଛନ୍ତି, ଯାହା ଦୁର୍ନୀତିର ତାଲିକାରେ ରହିଛି । ଏକଥା ସତ ଯେ ୨୫୦ରୁ ଅଧିକ ବ୍ୟାଙ୍କ ଖାତାରୁ ମିସନାରୀଜ ଅଫ୍ ଚ୍ୟାରିଟୀ କୋଲକାତାର ସଂସ୍ଥାକୁ ଗତ ୧୫ବର୍ଷରେ ୧୦୯୯ କୋଟି, ଗତ ୫ବର୍ଷରେ ୪୨୬କୋଟି ଏବଂ ଗତ ଗୋଟିଏ ବର୍ଷରେ ୭୫ କୋଟି ଅର୍ଥ ଆସିଛି । ଏହି ସଂସ୍ଥାକୁ ଟ୍ରଷ୍ଟି ଅଫ ଦି ସୋସାଇଟୀ ଅଫ୍ ଦି ମିସନାରୀଜ ଅଫ ଚ୍ୟାରିଟୀ ପାଖରୁ ୫କୋଟି ୩୭ଲକ୍ଷ ୯୯ହଜାର ୫୨୮ଟଙ୍କା, ମିସନାରୀଜ ଅଫ ଚ୍ୟାରିଟୀ ଲୋନ୍ ପାଖରୁ ୩କୋଟି ୯୦ଲକ୍ଷ, ଜୁ ଚି ଫାଉଣ୍ଡେସନ ୭୭ଲକ୍ଷ ୬୪ହଜାର ୯୮୮ଟଙ୍କା, ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ ୭୦ଲକ୍ଷ, ଏଡଭୋକାଥୁସେଟ ହୋର୍ଟେନ ୬୫ଲକ୍ଷ ୫୫ ହଜାର ୮୯୯ ଟଙ୍କା, ୟୁଏଲଏମ୍ ଫାମିଲୀ ଫାଉଣ୍ଡେସନ ୬୩ଲକ୍ଷ ୬୫ହଜାର ୩୭୮ଟଙ୍କା, ଚୁଜି ଫାଉଣ୍ଡେସନ ମୁଖ୍ୟାଳୟ ୪୯ଲକ୍ଷ ୧୦ହଜାର ୯୯୦ଟଙ୍କା ଦେଇଛନ୍ତି । ଆମେ ୧୦ଜଣ ଦାତାଙ୍କ ତାଲିକା ଦେଲୁ । ଏମିତି ଏହି ତାଲିକା ଖୁବ୍ ଲମ୍ବା ରହିଛି । କଥା ହେଉଛି ପୃଥିବୀର ଟିକସ ଚୋରୀ ପାଇଁ କୁଖ୍ୟାତ ପାନାମା ସିଟୀର ଏହି ଅଳ୍ପ ପରିଚିତ କମ୍ପାନୀ କିମ୍ବା ବ୍ୟକ୍ତି ବିଶେଷ କିପରି ଏତେ ବଡ ପରିମାଣର ଅର୍ଥଦାନ କରିଛନ୍ତି ତାହା ହେଉଛି ସନ୍ଦେହର ବିଷୟ, ଅନୁସନ୍ଧାନ ସାପେକ୍ଷ । କାରଣ ବାରିମିଲର ଦୁଇ ନିର୍ଦ୍ଦେଶକ ଏବଂ ଏଡିଗାର୍ଡୋ ପାନାମାର ଅନ୍ୟ ଏକ କମ୍ପାନୀ ପୁରଉଡ ଇନଭେଷ୍ଟମେଣ୍ଟରେ ନିର୍ଦ୍ଦେଶକ ରହିଛନ୍ତି । ଏହିସବୁ ସଂସ୍ଥାର ଆଇନଗତ କାର୍ଯ୍ୟ ଏଲେମେନ୍, କୋର୍ଡେରୋ, ଗାଲିଣ୍ଡୋ ଏଣ୍ଡ ଲି ହାତରେ ରହିଛି । ପୂର୍ବରୁ ପାଣ୍ଡୋରା ପେପର୍ସ ଦୁର୍ନୀତିରେ ଥିବା ସଂସ୍ଥାର ନାମରେ ଭାରତର କିଛି ସଂସ୍ଥାଙ୍କ ସଂପୃକ୍ତି ରହିଥିବା ନେଇ ଅତୀତରେ ସମ୍ବାଦ ପ୍ରକାଶ ପାଇଛି । ଏ ବିଷୟରେ ଭାରତ ସରକାର ଅଧିକ ଅନୁସନ୍ଧାନ କରିବାକୁ ଦାବି ମଧ୍ୟ ଉଠିଛି । ଏବେ ଯଦି ସନ୍ଦେହଜନକ କାର୍ଯ୍ୟରେ ଲିପ୍ତ ଥିବା ଏହିସବୁ ସଂସ୍ଥାଗୁଡିକର ଅର୍ଥ ଦାନସୂତ୍ରରେ ଭାରତର ଏକ ସଂସ୍ଥାକୁ ଆସିଛି, ତେବେ ସେହି ସଂସ୍ଥାର ମଧ୍ୟ ସେହିସବୁ ବିଦେଶୀ ସଂସ୍ଥାଗୁଡିକ ସହ ଅନୈତିକ ସଂପର୍କ ରହିଥିବା ସମ୍ଭବ, ଏଥିରେ ସନ୍ଦେହ କରିବାର ନାହିଁ ।



ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଦେଶରୁ ଅନୁଦାନ ଲାଭ କରୁଥିବା ଏନ୍‌ଜିଓ (ସ୍ୱେଚ୍ଛାସେବୀ ସଂଗଠନ)ଗୁଡିକ ୩୧ ଡିସେମ୍ବର ୨୦୨୧ସୁଦ୍ଧା ସେମାନଙ୍କ ଜମାଖାତା ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ଖୋଲିବା ପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିଲେ । ବିଦେଶୀ ଅନୁଦାନ ଲାଭ କରୁଥିବା ଦେଶର ୨୨୮୩୦ ଗୋଟି ପଞ୍ଜିକୃତ ଏନ୍‌ଜିଓ ମଧ୍ୟରୁ ପ୍ରାୟ ୧୯୦୦୦ ବ୍ୟାଙ୍କ ଜମାଖାତା ଖୋଲିଥିଲେ ହେଁ ଅନେକ ସଂସ୍ଥା ଏପର୍ଯ୍ୟନ୍ତ ତାହା କରିନାହାନ୍ତି । ବିଦେଶୀ ଅନୁଦାନ ଆଇନ ୨୦୨୦ର ସଂଶୋଧନ ଅନୁଯାୟୀ ଏହା କରିବା ବାଧ୍ୟତାମୂଳକ । ପୂର୍ବରୁ ବିଦେଶୀ ଅନୁଦାନ ପାଇଁ ନିୟମିତ ହିସାବ ଦେଖାଉନଥିବା ୬୬୦୦ ଏନ୍‌ଜିଓଙ୍କୁ କେନ୍ଦ୍ର ସରକାର ୨୦୧୬-୨୦ ମଧ୍ୟରେ କଳାତାଲିକାଭୁକ୍ତ କରି ସେମାନଙ୍କ ପଞ୍ଜିକରଣ ରଦ୍ଦ କରିଛନ୍ତି । ଏହିସବୁ ଏନ୍‌ଜିଓଗୁଡିକ ବିରୋଧରେ ଅନୁଦାନ ଅର୍ଥର ଅପବ୍ୟବହାର ସଂପର୍କୀତ ଅନେକ ପ୍ରମାଣ ମିଳିଥିଲା । ଏହି ନିର୍ଦ୍ଦେଶ ବିରୋଧରେ ଚଳିତବର୍ଷ ଜୁଲାଇ ମାସରେ ରାୟ ଦେଇ ଜୁନ୍-୩୦, ୨୦୨୧ପରେ ବାର୍ଷିକ ଆୟ-ବ୍ୟୟ ତଥ୍ୟ ନଦେଇପାରିଲେ ସରକାର କୌଣସି ପଦକ୍ଷେପ ନେଇପାରିବେ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ କହିଥିଲେ । ଫଳରେ ସରକାର ସେହି ସମୟ ୩୧ ଡିସେମ୍ବରକୁ ବୃଦ୍ଧି କରିବାକୁ ବାଧ୍ୟ ହୋଇଥିଲେ । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ତଥ୍ୟାନୁଯାୟୀ ୨୦୧୬-୧୯ମଧ୍ୟରେ ବିଦେଶରୁ ଭାରତର ସ୍ୱେଚ୍ଛାସେବୀ ସଂସ୍ଥା (ଏନ୍‌ଜିଓ)ଗୁଡିକଙ୍କ ନିକଟକୁ ୫୮୦୦୦କୋଟି ଟଙ୍କା ଅନୁଦାନ ଅର୍ଥ ଆସିଥିଲା । ତେବେ ଅନେକ ଅନୁଷ୍ଠାନ କାର୍ଯ୍ୟ ଅପେକ୍ଷା ନିଜ ବାବଦରେ ଅଧିକ ବେହିସାବୀ ଖର୍ଚ୍ଚ କରିଥିବାର ଲକ୍ଷ୍ୟ କରାଯାଇଥିଲା । ଅନେକ ସ୍ଥଳରେ ଏହି ସଂସ୍ଥାଗୁଡିକ ମାଧ୍ୟମରେ ବିଦେଶରୁ ଅର୍ଥ ଆସି ସନ୍ତ୍ରାସବାଦୀଙ୍କ ଅସ୍ତ୍ରଶସ୍ତ୍ର କିଣା ପାଇଁ ମଧ୍ୟ ଯୋଗାଇ ଦିଆଯାଇଥିବାର ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା । ଏପରିକି ଅନେକଗୁଡିଏ ବିକାଶମୂଳକ ସରକାରୀ ପ୍ରକଳ୍ପକୁ ବନ୍ଦକରିବା ପାଇଁ ତଥାକଥିତ ଆନ୍ଦୋଳନର ଷଡଯନ୍ତ୍ର ପାଇଁ ମଧ୍ୟ ଅର୍ଥ ପ୍ରଦାନ ହୋଇଥିଲା । ଅତୀତରେ ତାମିଲନାଡୁର ଆଣବିକ ଶକ୍ତି ପ୍ରକଳ୍ପକୁ ବନ୍ଦ କରିବା ପାଇଁ ଦୁଇବର୍ଷ ଯାଏଁ ଯେଉଁ ଲମ୍ବା ଆନ୍ଦୋଳନ ଚାଲିଥିଲା ତା ପଛରେ ବିଦେଶୀଶକ୍ତିଙ୍କ ଏହି ଅନୁଦାନ ରହିଥିବାର ପ୍ରମାଣ ମିଳିଥିଲା । ଉକ୍ତ ପ୍ରକଳ୍ପ ରୁଷିଆର ସହଯୋଗରେ ନିର୍ମିତ ହେଉଥିବାରୁ ଆମେରିକା ଓ ୟୁରୋପର ଅନେକ ରାଷ୍ଟ୍ର ସେହି ପ୍ରକଳ୍ପ ବନ୍ଦ କରିବା ପାଇଁ ଏନ୍‌ଜିଓମାନଙ୍କୁ ଅବିରତ ଆନ୍ଦୋଳନ ଜାରି ରଖିବାକୁ ପ୍ରଚୁର ଅର୍ଥ ଯୋଗାଇ ଦେଇଥିଲେ । ଫଳରେ ଅନେକ ସମୟ ନଷ୍ଟ ହେବା ସହ ପ୍ରକଳ୍ପ ନିର୍ମାଣ ବାଧାପ୍ରାପ୍ତ ହେବା ଯୋଗୁ ଖର୍ଚ୍ଚ ମଧ୍ୟ ବଢିଥିଲା । ଦେଶର ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରିବାକୁ ବିଦେଶୀ ଅର୍ଥରେ ସଇତାନୀ କାର୍ଯ୍ୟରତ ଏନ୍‌ଜିଓ ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାର ଆଇନରେ ସଂଶୋଧନ ଆଣିଥିଲେ ।

କହିବା କଥା ହେଲା ଡିସେମ୍ବର ମାସ ୨୭ ତାରିଖ ଦିନ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଟ୍ୱିଟରରେ ଲେଖିଲେ ଯେ ମଦର ଟେରେସାଙ୍କ ମିସନାରୀ ଅଫ ଚ୍ୟାରିଟୀର ବ୍ୟାଙ୍କ ଜମାଖାତାକୁ ନିଷ୍କ୍ରିୟ କରାଯିବା ଯୋଗୁ ୨୨୦୦୦ ରୋଗୀ ଓ କର୍ମଚାରୀ ଭୋକିଲା ରହିବା ସହ ଔଷଧରୁ ବଞ୍ଚିତ ହୋଇଛନ୍ତି । ପଶ୍ଚିମବଙ୍ଗର ବିରୋଧୀଦଳ ନେତା ସୂର୍ଯ୍ୟକାନ୍ତ ମିଶ୍ର ମଧ୍ୟ ସମାନପାଠକୁ ଟ୍ୱିଟ କରି ସମର୍ଥନ ଜଣାଇଲେ । କଥା ହେଲା ଏହି ସଂସ୍ଥା ଅନେକ ସମୟରେ ବିବାଦରେ ରହିଆସିଛି । ଜୁଲାଇ ୨୦୧୮ରେ ଝାଡଖଣ୍ଡରେ ଏହି ସଂସ୍ଥା ନାମରେ ପିଲା ବିକ୍ରୀ ଅଭିଯୋଗ ଆସିଥିଲା । ଝାଡଖଣ୍ଡ ସିଆଇଡି ବିଭାଗ ପକ୍ଷରୁ ମିସନାରୀଜ୍ ଅଫ ଚ୍ୟାରିଟୀ ସମେତ ଅନ୍ୟ ବିଦେଶୀ ଅନୁଦାନ ପ୍ରାପ୍ତ ଏନ୍‌ଜିଓଙ୍କ ଏଫ୍‌ସିଆରଏ ଆଇନ ଉଲ୍ଲଙ୍ଘନ ଅନୁସନ୍ଧାନ ସିବିଆଇ ଦ୍ୱାରା କରାଯିବାକୁ ସୁପାରିଶ କରାଯାଇଥିଲା । ଗତ ୧୪ ଡିସେମ୍ବର ୨୦୨୧ରେ ଗୁଜରାଟର ବଡୋଦରା ଜିଲ୍ଲାର ମକରପୁରା ପୋଲିସ ଥାନାରେ ମିସନାରୀଜ ଅଫ୍ ଚ୍ୟାରିଟୀ ବିରୋଧରେ ହିନ୍ଦୁ ଯୁବତୀମାନଙ୍କୁ ଅର୍ଥଲୋଭ ଦେଖାଇ ଧର୍ମାନ୍ତରିତ ଉଦ୍ୟମ କରାଯାଉଥିବା ଅଭିଯୋଗ ଆସିଥିଲା ।

ମିସନାରୀଜଗୁଡିକର ପ୍ରଚାରଦ୍ୱାରା ଖ୍ରୀଷ୍ଟିଆନମାନେ ହିନ୍ଦୁ ଦେବାଦେବୀ ମନ୍ଦିରକୁ ଅପବିତ୍ର କଲାପରି ଘଟଣା ୨୭ ଡିସେମ୍ବର ୨୦୨୧ରେ କର୍ଣ୍ଣାଟକର ଦକ୍ଷିଣ ମାଙ୍ଗାଲୁରୁ ଅନ୍ତର୍ଗତ କୋରାଇନା କାଟେ ମନ୍ଦିରରେ ଦେଖାଯାଇଛି । ୬୨ବର୍ଷୀୟ ଖ୍ରୀଷ୍ଟିଆନ ବ୍ୟକ୍ତି ଦେବଦାସ ଦେଶାଇ (ପି-ଜନ୍ ଦେଖାଇ) ଏକ ବର୍ଷ ହେବ ରାତିରେ ଭିନ୍ନ ଭିନ୍ନ ହିନ୍ଦୁମନ୍ଦିରର ଦାନପାତ୍ରରେ ବୁଲି ବୁଲି ବ୍ୟବହୃତ କଣ୍ଡୋମମାନ ପକାଉଥିଲା । ୨୭ଡିସେମ୍ବର ରାତିରେ ସମାନ ଢଙ୍ଗରେ ମନ୍ଦିର ଦାନପାତ୍ରରେ କଣ୍ଡୋମ ପକାଉଥିବାର ସିସିଟିଭି ଫୁଟେଜକୁ ମନ୍ଦିର କର୍ତ୍ତୃପକ୍ଷ ପୁଲିସକୁ ଦେଇ ଅଭିଯୋଗ କରିଥିଲେ । ହୁବୁଳିର ଉନ୍‌କଲ ବାସିନ୍ଦା ଏହି ଅଭିଯୁକ୍ତକୁ ପୁଲିସ ଗିରଫ କଲାପରେ ସେ ପୂର୍ବରୁ ଏହିପରି କଣ୍ଡୋମ ପକାଇଥିବାର ଦୋଷକୁ ସ୍ୱୀକାର କରିଥିଲା । ଚଳିତବର୍ଷ ଜାନୁଆରୀ ମାସରେ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ୟେଦୁରପ୍ପା ଏବଂ ତାଙ୍କ ପୁତ୍ର ବିଜୟେନ୍ଦ୍ରଙ୍କ ପୋଷ୍ଟରକୁ କଦର୍ଯ୍ୟ କରିବା ସହ ଏକ କଣ୍ଡୋମ ମଧ୍ୟ ମାଙ୍ଗାଲୋରର ଉଲାଲ ନିକଟସ୍ଥ କୋରାଗଜ୍ଜା ଗୁଲିଗଜ୍ଜା ଦେବସ୍ଥାନରେ ପକାଇଥିଲା । ପୋଲିସ ନିକଟରେ ସେ ଏହାର କାରଣ ସ୍ୱରୂପ ମିସନାରୀଜଙ୍କ ଭୁଲ ପ୍ରଚାରରେ ପ୍ରଭାବିତ ହୋଇଥିବା ଉଲ୍ଲେଖ କରିଛି ।

ଏସବୁ ଦୃଷ୍ଟିରୁ ମିସନାରୀଜ ଅଫ୍ ଚ୍ୟାରିଟୀ ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥାର ସୁବିଧାକୁ ଦୁରୁପଯୋଗ କରି ବିଦେଶୀ ଅର୍ଥରେ ଯେଉଁ ଦେଶ ଭଙ୍ଗା କାର୍ଯ୍ୟ ଜାରି ରଖିଛି ସେ ନେଇ ଅଧିକ ଅନୁସନ୍ଧାନ କରାଯିବା ସହ କଠୋର କାର୍ଯ୍ୟାନୁଷ୍ଠାନ ହେବା ବାଞ୍ଛନୀୟ ।

*-ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ମହାତ୍ମା ଗାନ୍ଧୀଙ୍କ ହରିଜନ ପଦଯାତ୍ରାର ସ୍ମାରକି ସଭା



କେନ୍ଦ୍ରାପଡା (ପିଏନ୍): ୧୯୩୪ ମସିହା ମେ ମାସ ୨୭ ରୁ ୨୯ ତାରିଖ ୩ଦିନଧରି ଜାତିର ପିତା ମହାତ୍ମା ଗାନ୍ଧୀ ସ୍ଥାନୀୟ ଗରାପୁର ଡାକବଙ୍ଗଳା ଠାରେ ହରିଜନ ପଦଯାତ୍ରରେ ଆସି ଅବସ୍ଥାନ କରିଥିଲେ । ଏହି ଯାତ୍ରା ସମୟରେ ଗାନ୍ଧିଜୀ ଚାନ୍ଦୋଳର ସଲାର ମଠ ଠାରେ ୨୬ ତାରିଖ ଦିନ ଖୋଲା ପଡିଆରେ ରାତ୍ରରେ ରହି ତା ପରଦିନ ବାଲିଆ, ତିନିମୁହାଣୀ ଆଦି ସ୍ଥାନରେ ସଭା କରିଥିଲେ । ୩୦ ତାରିଖ ଦିନ ବାରିମୂଳ ଗାନ୍ଧୀ ପଡିଆ ଠାରେ ସଭା କରିବା ପରେ ଇନ୍ଦୁପୁରର ଧୂମାତ ଠାରେ ଭକ୍ତବିଳାସ ମଠରେ ହରିଜନମାନଙ୍କୁ ମନ୍ଦିର ପ୍ରବେଶ କରାଇ ଛୁଆଁ ଅଛୁଆଁ ଜାତି ଭେଦକ ଦୂର କରିଥିଲେ । ଉକ୍ତ ଐତିହାସିକ ଦିନକୁ ସବୁଦିନ ମନେ ପକାଇବାକୁ କେନ୍ଦ୍ରାପଡା ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତି ଓ ଉତ୍ତର ଦାୟଦ ସଂଗଠନ ଗରାପୁର ଡାକବଙ୍ଗଳା ଠାରେ ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସଭାପତି ବିମ୍ବାଧର ମୁଦୁଲିଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା କମିଟିର ମୁଖ୍ୟ ଉପଦେଷ୍ଟା ତଥା ପ୍ରାକ୍ତନ ଅଧ୍ୟକ୍ଷ ନନ୍ଦକିଶୋର ପରିଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉକ୍ତ ଅନୁଷ୍ଠାନ କିପରି ସବୁଦିନ ବଞ୍ଚି ରହିବ ଓ ଉତ୍ତର ପିଢିଙ୍କୁ ଗାନ୍ଧୀଙ୍କ ବାର୍ତ୍ତା ପ୍ରଚାର କରିବା ପାଇଁ ଉତ୍ତର ଦାୟଦମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି କେନ୍ଦ୍ରାପଡା ବିକାଶ ସାମୁଖ୍ୟର ସମ୍ପାଦକ ଅଜୟ ସାମଲ ଆଗାମୀ ଦିନରେ ସମସ୍ତେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ସମ୍ମାନନୀୟ ଅତିଥି ବିପିନ ବିହାରୀ ବାରିକ, ଦାୟଦ ସଂଘର ସଭାପତି କୁଳମଣୀ ରାଉତ, ପରିବେଶବିତ୍ ତଥା ସମାଜସେବୀ ନିକିରାଇ ହାଇସ୍କୁଲର ପ୍ରଧାନ ଶିକ୍ଷକ ପାର୍ଥସାରଥୀ ବେହେରା ବକ୍ତବ୍ୟ ରଖିଥିଲେ । ସ୍ୱାଧୀନତା ସଂଗ୍ରାମୀ ସମିତିର ସମ୍ପାଦକ ଗୋପାଳ କୃଷ୍ଣ ଜେନା ସମ୍ପାଦକୀୟ କ୍ରମରେ ୩ଟି ପ୍ରସ୍ତାବ ରଖିଥିଲେ । ସେଗୁଡିକ ହେଲା ଡାକବଙ୍ଗଳା ଛକକୁ ଗାନ୍ଧୀଛକ ଘୋଷଣ, ଗୁଲନଗରଠାରୁ ଇନ୍ଦୁପୁର ରାସ୍ତାର ନାମ ଗାନ୍ଧୀମାର୍ଗ ଓ ପ୍ରତିବର୍ଷ ମେ ମାସ ୨୮ ତାରିଖକୁ ପଦଯାତ୍ରା ଦିବସ ଭାବେ ସରକାର ପାଳନ କରିବାକୁ ପ୍ରଶାସନକୁ ଅନୁରୋଧ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଦାୟଦ ସଂଘ ସମ୍ପାଦକ ପଦ୍ମନାଭ ଦାସ, ରମଣୀ ରଞ୍ଜନ ରାଉତ, ଆଦିକନ୍ଦ ରାଉଳ, ସୁରେଶ ପଟ୍ଟନାୟକ, ବୈଷ୍ଣବ ଚରଣ ସ୍ୱାଇଁ, ରମେଶ ଚନ୍ଦ୍ର ପ୍ରଧାନ, ଅମୂଲ୍ୟ ସାହୁ, ନିରଞ୍ଜନ ସାହୁ, ଅକ୍ଷୟ ରାଉତ, ପ୍ରଦୀପ ଦାସ, ଗଦାଧର ନାୟକ, କୃପାସିନ୍ଧୁ ଦାସ, ସସ୍ମିତା ମିଶ୍ର, କାର୍ତ୍ତିକ ମଣ୍ଡଳ, ବଳରାମ ସାହୁ, ମୁକ୍ତାର ଖାଁ, ବସନ୍ତ ପଲେଇ, ନେତ୍ରାନନ୍ଦ କର ଆଦି ଦାୟାଦମାନେ ଯୋଗ ଦେଇଥିଲେ । ସଚ୍ଚିଦାନନ୍ଦ ନାୟକ ଧନ୍ୟବାଦ ଦେଇଥିଲେ ।

## ନମୁନା ସଂଗ୍ରହ ପରେ ଘିଅ କାରଖାନା ସିଲ୍

ବାଲେଶ୍ୱର (ପିଏନ୍)- ବାହାନଗା ବ୍ଲକ ଅନ୍ତର୍ଗତ ଗୋପାଳପୁର ଅଞ୍ଚଳରେ ଥିବା ଏକ ଘିଅ ପ୍ରସ୍ତୁତ କାରଖାନାରେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢ଼ଉ କରାଯିବା ପରେ ପୁଲିସ ପକ୍ଷରୁ ଉକ୍ତ କାରଖାନାକୁ ସିଲ୍ କରିଦିଆଯାଇଛି। ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଅନୁଶ୍ରୀ ଖଟୁଆଙ୍କ ନେତୃତ୍ୱରେ ଏକ ଟିମ୍ ଓ ପୁଲିସ ମିଳିତ ଭାବରେ ଉକ୍ତ କାରଖାନାରେ ଚଢ଼ଉ କରି ସେଠାରେ ପ୍ରସ୍ତୁତ ହେଉଥିବା ଦୁଇଟି ବ୍ରାଣ୍ଡର ଘିଅ, ଚାହା ଓ ସୋୟାବଡ଼ିର ନମୁନା ସଂଗ୍ରହ କରାଯାଇ କାରଖାନାର କାଗଜ ପତ୍ର ଯାଞ୍ଚ କରାଯାଇଥିଲା। କାରଖାନାରୁ ସଂଗ୍ରହ ହୋଇଥିବା ନମୁନା ଭୁବନେଶ୍ୱରସ୍ଥିତ ନମୁନା ପରୀକ୍ଷାଗାରକୁ ପଠାଯାଇ ରିପୋର୍ଟ ଆସିଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାଯାଇଛି। ପୁଲିସ କାରଖାନାକୁ ସିଲ୍ କରିଛି।

## —'ମୁଁ ଶିକ୍ଷାକର୍ମୀ କହୁଛି' ଉନ୍ମୋଚିତ—
## ଶିକ୍ଷୟିତ୍ରୀ ପ୍ରେମଶୀଳା ରାଉତରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଖୋର୍ଦ୍ଧା (ପିଏନ୍): ନରଣଗଡ଼ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଥା ଖୋର୍ଦ୍ଧାର ବିଭିନ୍ନ ସାହିତ୍ୟ ସଂଗଠନର ସଦସ୍ୟା ଶ୍ରୀମତୀ ପ୍ରେମଶୀଳା ରାଉତରାୟଙ୍କୁ ବିଦ୍ୟାଳୟ ପରିସରରେ ଉଚ୍ଛ୍ୱସିତ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଗୋଳବାଇ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଖୋର୍ଦ୍ଧା ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟବାନ ଶ୍ରୀଚନ୍ଦନ, ରାଜ୍ୟ ୟୁଜି ମିଇ ସ୍କୁଲ ଶିକ୍ଷକ ସଂଘ ସମ୍ପାଦକ ରବି ଶତପଥୀ, ଜିଲ୍ଲା ଶିକ୍ଷକ ସଂଘ ସମ୍ପାଦକ ଦେବରାଜ ପ୍ରଧାନ, ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଯୁଧିଷ୍ଠିର ସାହୁ, ଭୁବନେଶ୍ୱର ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ଧୃଶାସନ ବଳବନ୍ତରାୟ, ବିଶ୍ୱ ଜୀବନ ସେବା ସଂଘର ସମ୍ପାଦକ ବୈଦ୍ୟନାଥ ବରାଳ, ସାହିତ୍ୟିକ ରମେଶ ଚନ୍ଦ୍ର ପାତ୍ର, ଓରବରସିଂ ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦିବାକର ପଟ୍ଟନାୟକ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ସେ ଜଣେ ଆଦର୍ଶ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷୟିତ୍ରୀ ତଥା ସିଆରସିସି ଥିଲେ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ପ୍ରହଲ୍ଲାଦ ବାରିକ, ଭାଗିରଥି ପଟ୍ଟନାୟକ, ଅମୀୟ ପରିଡ଼ା, ସରୋଜିନୀ ସାହୁ, ବିକ୍ରମ କେଶରୀ ଚମ୍ପତି, ନଳିନୀ ଦାଶ, ପ୍ରଭାତ କୁମାର ଦାଶ, ରଶ୍ମିରାଣୀ ଖୁଂଟିଆ, ତମାଳ ଦେଇ, କଳ୍ପନା ବିଧାର ଓ ଗୋବର୍ଦ୍ଧନ ରଣଜିତ୍ ପ୍ରମୁଖ ବିଦାୟୀ ପ୍ରଧାନଶିକ୍ଷୟିତ୍ରୀଙ୍କର ବହୁମୁଖୀ ଗୁଣାବଳୀ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀମତୀ ରାଉତରାୟଙ୍କର ଏକ ପୁସ୍ତକ 'ମୁଁ ଶିକ୍ଷାକର୍ମୀ କହୁଛି' ଉନ୍ମୋଚିତ ହୋଇଥିଲା। ଶିକ୍ଷକ ଶୁଭ୍ରାଂଶୁ ରଂଜନ ପାଲଟାସିଂହ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ।

## ଶ୍ରୀଜଗନ୍ନାଥ ଭାଗବତ ଟୁଙ୍ଗୀର ବାର୍ଷିକ ଉତ୍ସବ

ଗୋଳାବନ୍ଧ (ପିଏନ୍): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ଖୁଣ୍ଟପଡା ଗ୍ରାମରେ ଶ୍ରୀ ଶ୍ରୀ ଜଗନ୍ନାଥ ଭାଗବତ ଟୁଙ୍ଗୀର ବାର୍ଷିକ ଉତ୍ସବ ଗତ ମାସ ୩ ତାରିଖ ଠାରୁ ଆରମ୍ଭ ହୋଇ ୧୦ ତାରିଖ ଦିନ ଉଦ୍‌ଯାପିତ ହୋଇଯାଇଛି । ପ୍ରଥମ ଦିନରେ ଭଗ୍ୟ କଳସ ଯାତ୍ରା ଓ ଗୀତାଯଜ୍ଞ ସମେତ ନାମ କୀର୍ତ୍ତନ କରାଯାଇଥିଲା । ଏଥିରେ ସର୍ବଶ୍ରୀ କମଳ ଲୋଚନ ପଣ୍ଡା, ସୁଜିତ କୁମାର ପଣ୍ଡା, ଦେବବ୍ରତ ପଣ୍ଡା, ଅଭିଜିତ ପଣ୍ଡା ପ୍ରମୁଖ ପୂଜାପାଠ ଓ ଗୀତା ପାଠ କରିଥିଲେ । କର୍ତ୍ତା ଓ କର୍ତ୍ତ୍ରୀ ଭାବେ ନାରଦ ନାୟକ ଓ ତାଙ୍କର ସହଧର୍ମିଣୀ ରଶ୍ମିତା ନାୟକ ଦାୟିତ୍ୱ ତୁଲାଇ ଥିଲେ । ଆଖପାଖରୁ ଅନେକ ଭାଗବତ ପ୍ରେମୀ ଓ ଶ୍ରଦ୍ଧାଳୁମାନେ ଏଥିରେ ଯୋଗଦେଇ ଠାକୁରଙ୍କ ଅମୃତବାଣୀ ଶ୍ରବଣ କରିଥିଲେ । ଭାଗବତ ଟୁଙ୍ଗୀର ତତ୍ତ୍ୱାବଧାରକ କାର୍ଯ୍ୟକ୍ରମର ପ୍ରମୁଖ ଜୟଦେବ ପଣ୍ଡା ସମସ୍ତ ଦାୟିତ୍ୱକୁ ସଠିକ୍ ଭାବେ ତଦାରଖ କରିଥିଲେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୩, ଅଗଷ୍ଟ ୧୯**

# ଖାଆନ୍ତୁ ଓଜନ କମାନ୍ତୁ

ଓଡ଼ିଆରେ ଏକ ଲୋକକଥା ଅଛି । ଖାଇ ବସିଲେ ବଢ଼ଇ ପେଟ... ଖାଇ ଖାଇଲେ ଯମର ଭେଟ....। ଆପଣ ମାନଙ୍କୁ ଉପରୋକ୍ତ ଶୀର୍ଷକଟା ଅଡୁଆ ଲାଗିପାରେ କିନ୍ତୁ ଆମ ଜାଣନ୍ତରେ ଏପରି ବି କିଛି ଖାଦ୍ୟ ଅଛି ଆପଣ ଯାହାକୁ ଖାଇଲେ ଏହା ଆପଣଙ୍କର ଓଜନ ବଢ଼ାଇବ ନାହିଁ ବରଂ କମାଇବା ପାଇଁ ସାହାଯ୍ୟ କରିବ। ଆସନ୍ତୁ ଏହାରି ଉପରେ ଏକ ତଥ୍ୟ ସମ୍ବଳିତ ଆଲୋଚନା ରଖିବା। ବିନ୍ସ ଓଜନ କମାଇବା ପାଇଁ ସବୁଠାରୁ ଭଲ। ୟୁନିଭର୍ସିଟି ଅଫ୍ କାଲିଫର୍ଣ୍ଣିଆରେ କରାଯାଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ, ବିନ୍ସରେ ଏପରି ତତ୍ତ୍ୱ ରହିଛି ଯାହା କାଲ୍‌ସିଷ୍ଟୋଜିନିନ୍ ନାମକ ହଜମକାରକ ହରମୋନ ପ୍ରାୟ ଦୁଇଗୁଣ ବଢ଼ାଇବାରେ ସହାୟତା କରିଥାଏ। ବିନ୍ସ ରକ୍ତଶର୍କରା ସ୍ତର ଠିକ୍ ରଖିଥାଏ ଯାହାଦ୍ୱାରା ଅଧିକ ସମୟ ଯଦି ଭୋକିଲା ରହିବାକୁ ପଡ଼େ, ତେବେ କୌଣସି କ୍ଷତି ହୋଇନଥାଏ। ବିନ୍ସ ଉଚ୍ଚ ତନ୍ତୁଯୁକ୍ତ ହୋଇଥିବାରୁ ଏହା କୋଲେଷ୍ଟେରଲ୍ କମ୍ କରିବାରେ ବି ସହାୟକ। ପ୍ରୋଟିନ୍‌ର ଖଣି ଅଣ୍ଡା ସକାଳ ଜଳଖିଆରେ ଖୁବ୍ ଭଲ। ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଯେଉଁ ମହିଳାମାନେ ବ୍ରେକ୍‌ଫାଷ୍ଟରେ ସ୍କ୍ରାମ୍ବଲଡ୍ ଅଣ୍ଡା ସହିତ ଦୁଇଟି ଟୋଷ୍ଟ ଏବଂ କମ୍ କ୍ୟାଲୋରୀଯୁକ୍ତ ଫ୍ରୁଟ୍‌ସ୍ପ୍ରେଡ୍ ଖାଇଥାନ୍ତି ସେମାନଙ୍କୁ ଅନ୍ୟ ମହିଳାମାନଙ୍କ ତୁଳନାରେ କମ୍ ଭୋକ ହୁଏ। ଫଳରେ କମ୍ କ୍ୟାଲୋରୀର ଖାଦ୍ୟ ଦେହକୁ ଯାଏ। ଲଞ୍ଚ୍ କିମ୍ବା ଡିନର ସାଲାଡ଼ରୁ ଆରମ୍ଭ କରନ୍ତୁ। ତେବେ ଏଥିରେ କ୍ରିମ୍ ଡ୍ରେସିଙ୍ଗ ନହୋଇଥିବା ଜରୁରୀ। ପେନ୍‌ଷ୍ଟେଟ୍ ୟୁନିଭର୍ସିଟିରେ ୪୨ଜଣ ମହିଳାଙ୍କୁ ନେଇ କରାଯାଇଥିବା ଗବେଷଣାରେ ଦେଖାଯାଇଥିଲା ଯେ, ଯେଉଁମାନେ ଖାଦ୍ୟ ପୂର୍ବରୁ ଏକ ବଡ଼ ପ୍ଲେଟର କମ୍ କ୍ୟାଲୋରୀଯୁକ୍ତ ସାଲାଡ଼ ଖାଇଥିଲେ ସେମାନେ ୧୨ ପ୍ରତିଶତ କମ୍ ପାସ୍ତା ଖାଇପାରିଲେ। ସାଲାଡ଼ରେ ଭିଟାମିନ୍ ସି ଏବଂ ଇ ବ୍ୟତୀତ ଫଲିକ୍ ଏସିଡ଼୍, ଲାଇକୋପିନ୍, କ୍ୟାରୋଟେନ୍ ଏଡସ ଆଦି ପୋଷକ ତତ୍ତ୍ୱ ରହିଛି ଯାହା ପ୍ରତିରୋଧକ କ୍ଷମତା ବଢ଼ାଇଥାଏ।

ଓଜନ କମାଇବାକୁ ଇଚ୍ଛା କରୁଥିବା ଲୋକଙ୍କ ପାଇଁ ଗ୍ରୀନଟି ଏକ ଉତ୍କୃଷ୍ଟ ପାନୀୟ। ଏଥିରେ କାଟେସିନ୍ସ ନାମକ ଏକ ଆଣ୍ଟିଅକ୍ସିଡାଣ୍ଟ ରହିଛି ଯାହା ଫ୍ୟାଟ୍ ହ୍ରାସ କରିବା ସହିତ ମେଟାବଲିଜିମ୍ ବଢ଼ାଇବାରେ ସହାୟକ। ଗ୍ରୀନ୍ ଟି ବିଏମ୍‌ଆଇ ବା ବଡ଼ି ମାସ୍ ଇଣ୍ଡେକ୍ସ କମକାଇବା ଏବଂ କ୍ଷତିକାରକ ଏଲଡ଼ିଏଲ କୋଲେଷ୍ଟେରଲ କମ୍ କରିବାରେ ସହାୟତା କରିଥାଏ ବୋଲି ଗବେଷଣାରୁ ପ୍ରକାଶ। ଫାଇବର ବା ତନ୍ତୁର ଗନ୍ତାଘର ନାସ୍‌ପାତି। ଆମେରିକାର ଖାଦ୍ୟ ଏବଂ ଔଷଧୀୟ ପ୍ରଶାସନ ଅନୁସାରେ ପ୍ରାୟ ଛଅ ଗ୍ରାମର



ଡାକ୍ତର ପ୍ରଫୁଲ୍ଲ କୁମାର ଦାସ

ଗୋଟିଏ ନାସପାତି ଭୋକ ମେଣ୍ଟାଇବାକୁ ପର୍ଯ୍ୟାପ୍ତ। ସେଓ ପରେ ଏହାକ ଏକ ଭଲ ବିକଳ୍ପ। ଉଭୟ ଫଳରେ ପେକ୍‌ଟିନ୍ ଫାଇବର ରହିଛି ଯାହା ରକ୍ତ ଶର୍କରା ସ୍ତର ସଠିକ୍ ରଖେ। ଅବେଳରେ ଭୋକ ହେଲେ ହାଇକ୍ୟାଲୋରୀ ସ୍ନାକସ୍ ନେବା ବଦଳରେ ନାସପାତି ଖାଆନ୍ତୁ। ଏକ କପ୍ ଚିକେନ୍ ସୁପ୍ ଏବଂ ଏକ ସାଧାରଣ ଆକାରର ଚିକେନ୍ ପିସ୍ ଭୋକ ସମାନ ଭାବେ କମାଇପାରେ। ବଢ଼ନ୍ତା ବୟସରେ ଫ୍ୟାଟ୍ କମାଇବା କଷ୍ଟକର ହୋଇଥିଲା ବେଳେ ସହାୟକ ହୁଏ ଅଲିଭ୍ ତେଲ। ଏଥିରେ ଥିବା ମନୋସାଚୁରେଟେଡ଼ ଫ୍ୟାଟ କ୍ୟାଲୋରୀ ହ୍ରାସରେ ସହାୟକ। ଅଷ୍ଟ୍ରେଲିଆରେ ୫୭ରୁ ୭୩ ବର୍ଷ ବୟସର ମହିଳାମାନଙ୍କ ଉପରେ ଗବେଷଣା କରାଯାଇ ଜଣାଯାଇଥିଲା ଯେ, ଅଲିଭ ତେଲ ମେଟାବଲିଜିମ୍ ବଢ଼ାଇପାରୁଛି। ଖାଦ୍ୟ ପରେ ମିଠା ଖାଇବାର ଅଭ୍ୟାସ ମେଦବହୁଳତାର ଅନ୍ୟ ପ୍ରମୁଖ କାରଣ। ଯଦି ଖାଦ୍ୟରେ ଡାଲଚିନି ଗୁଣ୍ଡ ପକାଇ ଖାଇବାର ଅଭ୍ୟାସ କରିବେ ତେବେ ମିଠା ଲୋଭ ମେଣ୍ଟିବା ସହ ଅଯଥା କ୍ୟାଲୋରୀରୁ ମୁକ୍ତି ମିଳିପାରିବ। ଆମେରିକାର କୃଷି ବିଭାଗରେ ହୋଇଥିବା ଗବେଷଣାରୁ ଏହା ଜଣାପଡ଼ିଛି। ପ୍ରତିଦିନ ଛୋଟ ଚାମଚରେ ଚାରିଭାଗରୁ ଭାଗେ ଡାଲଚିନି ଗୁଣ୍ଡ ଖାଇବା ଟାଇପ୍-୨ ଡାଇବେଟିସ୍ ରୋଗୀଙ୍କ କ୍ଷେତ୍ରରେ ରକ୍ତଶର୍କରା ଏବଂ କୋଲେଷ୍ଟେରଲ କମ୍ କରିପାରେ। ଏକ ସ୍ୱିଡିସ୍ ଗବେଷଣାରୁ ଜଣାଯାଇଛି ଯେ, ଭିନେଗାର ଦୀର୍ଘ ସମୟ ପର୍ଯ୍ୟନ୍ତ ଭୋକ କରାଇ ଦିଏନାହିଁ। ସାଧାରଣ ବ୍ରେଡ ଖାଇବା ଅପେକ୍ଷା ଏହାକୁ ଭିନେଗାରରେ ବୁଡ଼ାଇ ଖାଇଲେ ଭୋକ କମ୍ ହୁଏ। ଭିନେଗାରରେ ଥିବା ଏସିଟିକ୍ ଏସିଡ଼ ଖାଦ୍ୟ ହଜମ କରିବାରେ ସମୟ ଲଗାଏ। ଫଳରେ ଭୋକ ବିଳମ୍ବରେ ହୁଏ।

କନସ୍‌ଲଣ୍ଟାଟ ରେଡ଼ିଓଲୋଜିଷ୍ଟ,
ଏମ୍‌ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ
ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୨୩୪୪୩

# 'ମା'ର ଏକ ବିଶ୍ଳେଷଣ

ଢ଼ିଙ୍କିଶାଳରୁ ଢେଙ୍କାନାଳ ନାମକ ଏକ ସଂସ୍ଥା ଥରେ ସାଧୁସନ୍ଥ ମାନଙ୍କର ଏକ ସମ୍ମିଳନୀ ଡାକିଲେ। ପରେ ପରେ ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରେ ନାରୀମାନେ ପୁରୁଷପରି ବ୍ୟବହାର କରିବା, ବ୍ୟଭିଚାର ବଳାତ୍କାର, ନାରୀ ଜାତି ପ୍ରତି ଅସମ୍ମାନ, ଘୃଣାଭାବ ଏହି ସଂସ୍ଥାଟିକୁ ବ୍ୟଥିତ କରୁଥିବାରୁ ସେମାନେ ସାଧୁସନ୍ଥଙ୍କର ସମ୍ମିଳନୀ ଡାକିବା ପାଇଁ ସ୍ଥିର କଲେ। ଉବ୍ୟସଭାର ଆୟୋଜନ କରାଗଲା ସହରର ମାନଗଣ୍ୟ ବ୍ୟକ୍ତି, ସ୍ତ୍ରୀ ପୁରୁଷ ଉଭୟେ ଏ ସଭାରେ ଯୋଗ ଦେଇଥିଲେ। ପ୍ରଥମ ଦିନର ବ୍ୟକ୍ତା ଥିଲେ ସ୍ୱାମୀ ପ୍ରେମାନନ୍ଦ। ସେ କହିଲେ ପୃଥିବୀରେ ମାର ପ୍ରେମ ଠାରୁ ଆଉ କିଛି ବଡ଼ ନୁହେଁ। ପ୍ରେମରୁ ଜ୍ଞାନ ଜାଗ୍ରତ ହୁଏ। ପ୍ରକୃତ ଜ୍ଞାନରୁ ଧର୍ମ ଭାବ ଆସେ। ତାହା ହିଁ ମନୁଷ୍ୟର ପ୍ରକୃତ ସମ୍ପତ୍ତି। ପ୍ରେମ ଦ୍ୱାରା ମନୁଷ୍ୟ ସତ୍ୟକୁ ଉପଲବ୍ଧି କରିଥାଏ। ମଣିଷ କିଛି ତା ଜୀବନରେ ଅନେକ କିଛି ସୁଖ ମାଆ ଦ୍ୱାରା ପାଇଥାଏ। ସନ୍ନ୍ୟାସୀ ବ୍ରହ୍ମାନନ୍ଦ କହିଲେ 'ରାମ କୌଶଲ୍ୟାଙ୍କ ପରି ମାଙ୍କ ଯୋଗୁଁ ଦିବ୍ୟତ୍ୱ ହାସଲ କରିଥିଲେ। ଲବକୁଶ ସୀତା ଦେବୀଙ୍କ ଯୋଗୁ ବୀର ହୋଇପାରିଥିଲେ। ମା ଜୀବନ ସାରା ପିଲାମାନଙ୍କର ମଙ୍ଗଳ କାମନା କରିଥାଏ। ତେଣୁ ପ୍ରତ୍ୟେକ ପିଲା ମାକୁ ଭଲପାଇବା ଉଚିତ।' ସ୍ୱାମୀ ସୁଧାନନ୍ଦ କହିଲେ ପୃଥିବୀରେ ମହାନ ପୁରୁଷମାନେ ମାଙ୍କର ଆଶୀର୍ବାଦ ଯୋଗୁ ମହାନ କାର୍ଯ୍ୟ କରିଛନ୍ତି। ମା ଗୌରୀଙ୍କର ଆଶୀର୍ବାଦ ନେଇ କାର୍ତ୍ତିକେୟ ତାରକାସୁର ପରି ଅସୁର ସହିତ ଯୁଦ୍ଧକରି ବିଜୟ ଲାଭ କରିଥିଲେ। ପରଶୁରାମ ଶତ୍ରୁ ମାନଙ୍କ ସହ ଯୁଦ୍ଧ କରିବା ପୂର୍ବରୁ ମାଆଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ। ବିନୀତା ତାଙ୍କ ପୁତ୍ର ଗରୁଡ଼କୁ ଆଶୀର୍ବାଦ କରିଥିଲେ। ଏଥର ନିଶ୍ଚଳାନନ୍ଦ କହିଲେ ଶଙ୍କରାଚାର୍ଯ୍ୟ ହୃଦୟଙ୍ଗମ କରିଥିଲେ ଯେଉଁ ପୁତ୍ର ମାର ସ୍ନେହ ପାଇ ଜୀବନର ଲକ୍ଷ୍ୟର ପ୍ରକୃତ କାର୍ଯ୍ୟରେ କୃତକାର୍ଯ୍ୟ ହେବ ସେ ପାପତାପ ଗ୍ରସ୍ତ ସଂସାରରୁ ମୁକ୍ତି ପାଇ ପୁନର୍ଜନ୍ମରୁ ମୁକ୍ତ ହେବ। ତେଣୁ ମାତୃଭକ୍ତି ପାଇଁ ହୃଦୟରେ ସ୍ଥାନ ରହିବା ଉଚିତ। କୀର୍ତ୍ତିନନ୍ଦ ଯେ କି ଶ୍ରୀରାମଙ୍କ ଭକ୍ତ ଥିଲେ ସେ କହିଲେ 'ରାମଙ୍କ ଆଡ଼କୁ ବାଣ ଉଠାଇବା ପୂର୍ବରୁ ଲବକୁଶ ପ୍ରାର୍ଥନା କରିଥିଲେ ତାଙ୍କର ମା ଯଦି ସାଧ୍ୱୀ ହୋଇଥିବେ ତେବେ ବୀରପୁରୁଷ ଅଚେତ ହୋଇଯିବେ ଏବଂ ତାହା ହିଁ ହୋଇଥିଲା। ଲବକୁଶ ବାଣ ନିକ୍ଷେପ କରିବା କ୍ଷଣି ଶ୍ରୀରାମ ଅଚେତ ହୋଇ ପଡ଼ିଥିଲେ। ଏଥିରୁ ମାକୁ ସ୍ମରଣ କରିବାର ଶକ୍ତି କେତେ ତାହା



ଅନୀତା ପଟ୍ଟନାୟକ

ଅନୁମେୟ। ଏଥର ଜ୍ଞାନାନନ୍ଦ କହିଲେ 'ପୂର୍ବରୁ ମାତା ମତାକି ତାଙ୍କର ସନ୍ତାନ ଧର୍ମମାର୍ଗରେ ପରିଚାଳିତ ହେଲେ ଖୁସି ହେଉଥିଲେ। କାରଣ ସେମାନଙ୍କର ସନ୍ତାନମାନେ ଭଗବାନଙ୍କ ପ୍ରତି ଅନୁଗତ ହୋଇ ଭଲ ମଣିଷ ହୋଇପାରିବେ ବୋଲି ଚିନ୍ତା କରୁଥିଲେ। କିନ୍ତୁ ବର୍ତ୍ତମାନ ସେପରି ଦେଖାଯାଉନାହିଁ। ପୂର୍ବରୁ ମା ମାନେ ପିଲାମାନଙ୍କୁ ଠିକ ରାସ୍ତାରେ ଚାଲିବାର ଉପଦେଶ ଦେଉଥିଲେ। ଏଥର ସନ୍ଥ ପଦ୍ମପାଦଙ୍କ ପାଳି ପଡ଼ିଲା। ସଭାର ଉଦ୍ଦେଶ୍ୟ ହେଉଛି କିପରି ବ୍ୟଭିଚାର, ବଳାତ୍କାର, ନାରୀ ଜାତି ପ୍ରତି ଅସମ୍ମାନ କମିବ ସେ ବିଷୟରେ ଆଲୋଚନା କରିବା। ସେ କହିଲେ ମୁଁ ପଚାରୁଛି 'ଯଦି ସବୁ ସ୍ତ୍ରୀଲୋକ ମାନେ କର୍ମଜୀବୀ ହୋଇଯିବେ ତେବେ ଘରେ ରହିବ କିଏ ? ଯଦି ସ୍ୱାମୀ ସ୍ତ୍ରୀ ଉଭୟେ କର୍ମକ୍ଷେତ୍ରକୁ ଯିବେ ତେବେ ଘର ସମ୍ଭାଳିବ କିଏ ? ଯଦି ସ୍ତ୍ରୀଲୋକମାନେ ଅନ୍ୟର ପିଲାମାନଙ୍କୁ ପଢ଼ାଇବା ପାଇଁ ସ୍କୁଲକୁ ଯାଆନ୍ତି ତେବେ ନିଜ ପିଲାଙ୍କୁ ପଢ଼ାଇବ କିଏ ? ହାତରେ ପୁସ୍ତକ ଧରି ସ୍ତ୍ରୀଲୋକ ମାନେ ଯଦି ପୁରୁଷ ମାନଙ୍କ ପରି ବାହାରକୁ ଯାଆନ୍ତି ତେବେ ରୋଷେଇ କାର୍ଯ୍ୟ କରିବ କିଏ ? ଆର୍ଥିକ ଅବସ୍ଥାରେ ସ୍ତ୍ରୀଲୋକମାନେ ସ୍ୱଚ୍ଛଳତା ଆଣିଲେ ମଧ୍ୟ ସ୍ତ୍ରୀର ଶୂନ୍ୟ ସ୍ଥାନକୁ ପୂରଣ କରିବ କିଏ ? ସ୍ତ୍ରୀଲୋକମାନେ କର୍ମକ୍ଷେତ୍ରକୁ ଗଲେ ସୁଖୀ ସଂସାର ସ୍ୱପ୍ନ ହୋଇଯିବ କି ? ପଛ ପଟରୁ ଘୋର ପାଟି ତୁଣ୍ଡ ହେବାରୁ ଅଦଭୂତାନନ୍ଦଙ୍କ ପ୍ରବଚନ ବନ୍ଦ କରିବାକୁ ପ୍ରଯୋଜକ ବାଧ ହେଲେ। ଏଥର ଆନନ୍ଦାନନ୍ଦ କହିଲେ ମୋର ଗଭୀର ଚିନ୍ତା ସନ୍ତାନର ଗଭୀର ଭାବେ କ୍ଷତବିକ୍ଷତ ହୃଦୟକୁ ସଜାଡ଼ିପାରେ। ମାର ଜ୍ଞାନକୌଶଳ ଓ ସହନଶୀଳତା ପୁତ୍ରର ଛୋଟ ହୃଦୟକୁ ବଦଳାଇଥାଏ। ମାର ଦୟୀଭାବ ଆମର ଭୁଲକୁ କ୍ଷମା କରିଥାଏ। ଅସୁବିଧାରେ ମା ପିଠି ଥାପୁଡ଼େଇ ଦେଇ ମୁଣ୍ଡକୁ ନୁଆଁଇ ଭଗବାନଙ୍କୁ ପ୍ରାର୍ଥନା କରେ। ମାର ଜ୍ଞାନ ପ୍ରକୃତରେ କଣ ଆମେ ଚାହିଁ ତାହା ବୁଝାଇ ଦେଇଥାଏ। ତାର ପ୍ରେମପୂର୍ଣ୍ଣ କଥା ଓ କର୍ମ ଦ୍ୱାରା ସେ ଆମକୁ ଅନେକ କିଛି ସୂଚାଇ ଦେଇଥାଏ। ମାର ପୂର୍ଣ୍ଣ ବିଶ୍ୱାସ ଦୃଢ଼ ମନୋଭାବ ପିଲାଟିକୁ ସ୍ୱାର୍ଥପରତା, କାମ ଓ ଅନ୍ଧାର ଗଦରରୁ ରକ୍ଷା କରିଥାଏ। ବେଳେ ବେଳେ ଅନୁଭବ ହୋଇଥାଏ ଆମର ଆନନ୍ଦ ମାର ହୃଦୟ ହିଁ ବୁଝିପାରିବ ଓ ବେଳେ ବେଳେ ଅନୁଭୂତ ହୁଏ ଆମର କ୍ରନ୍ଦନ ମାର ହୃଦୟ ହିଁ ବୁଝିପାରିବ। ପିଲାଳିଆମି, ଛୋଟ ପିଲାର ଭୟ ଓ ତିକ୍ତତା ମାର ହୃଦୟ ହିଁ ବୁଝିଥାଏ। ମାର ବିଶ୍ୱାସ ଦୈନନ୍ଦିନ ଜୀବନରେ ଦୃଢ଼ଶକ୍ତି ଭରିଥାଏ। ତେଣୁ ଏ ସମସ୍ତ ପୃଥିବୀରେ ଭଗବାନଙ୍କ ସ୍ଥାପନାରେ ମା ହିଁ ତାଙ୍କର ସ୍ଥାନ ନେବା ପାଇଁ ଯୋଗ୍ୟ। ସଭା ସେ ଦିନ ପାଇଁ ଭଙ୍ଗ ହେଲା।

ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ,
ଦୂରଭାଷ : ୯୬୯୨୯୮୦୦୨୬

# ଓଡ଼ିଶା କୃଷି ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ସମନ୍ୱୟ ଓ ନିଷ୍ଠାପର ଉଦ୍ୟମ ଆବଶ୍ୟକ

କୃଷି କେବଳ ଆମର ପେଟପାଟଣା କଥା ନୁହେଁ, ଏହା ଆମ ଆର୍ଥିକ ଓ ସାମାଜିକ ଜୀବନର ମୂଳପିଣ୍ଡ। ଶିଳ୍ପ ଓ ସେବାକ୍ଷେତ୍ରର ପରିସର ବୃଦ୍ଧି ସତ୍ତ୍ୱେ ଓଡ଼ିଶାରେ ଏବେ ମଧ୍ୟ କୃଷି ଓ ତତ୍ ସଂଲଗ୍ନ କ୍ଷେତ୍ର ଏକ ଯୌଗିକ ବେଉସା ଭାବେ ସର୍ବାଧିକ ପ୍ରାୟ ୬୫% ଲୋକଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦେଉଛି। ଆମ ଜିଡିପିକୁ ଏହାର ଅବଦାନ ପ୍ରାୟ ୨୨%। ସେବା ୪୨% ଓ ଶିଳ୍ପ ୩୬% ଅଭିବୃଦ୍ଧି ଦେଉଥିବାବେଳେ କୃଷି କ୍ଷେତ୍ରରେ ଏତେ ଅଧିକ ଲୋକ ନିଯୁକ୍ତି ସତ୍ତ୍ୱେ ଜିଡିପିକୁ କମ ଅବଦାନର କାରଣ ହେଲା ଏହା ବିଶେଷ ଲାଭଜନକ ଏ ଯାଏଁ ହୋଇପାରିନାହିଁ। ଆହୁରି ମଧ୍ୟ ଅଧିକାଂଶ ଲୋକ ନିଜର ଖାଦ୍ୟଶସ୍ୟ ଓ ତତ୍‌ଜନିତ ଆବଶ୍ୟକତା ପୂରଣ କରିବାକୁ ଚାଷବାସ, ଗୋପାଳନ, ମାଛଚାଷ ଏବଂ କୁକୁଡ଼ା ପାଳନ ଆଦି ବେଉସା କରନ୍ତି। ତେଣୁ ଆନୁପାତିକ ଭାବେ ଏଥିରୁ ଲାଭ କମ ଆସେ। ସେଥିରେ ପୁଣି ପ୍ରାକୃତିକ ବିପତ୍ତି ଏକ ନିୟମିତ ଘଟଣା। ତେବେ ସେ ଯା'ହେଉ ବିଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶାରେ କୃଷିରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ଏକ ଖାଦ୍ୟାଭାବ ରାଜ୍ୟରୁ ଆମେ ଏବେ ଖାଦ୍ୟ ଶସ୍ୟ କ୍ଷେତ୍ରରେ ବଳକା ରାଜ୍ୟରେ ପରିଣତ ହୋଇପାରିଛୁ। ଦାଣ୍ଡରୁ ଆସେ ହାଣିରେ ପଶେ ଅବସ୍ଥା ଆଉ ନାହିଁ। ଏହି ସଫଳତା ପଚରେ ରହିଛି ଓଡ଼ିଶା ସରକାରଙ୍କର ନିରବଚ୍ଛିନ୍ନ ପ୍ରୟାସ। ଚାଷ ଜମିକୁ ଜଳସେଚନ ସୁବିଧା ବୃଦ୍ଧି, ନୂଆ କୃଷିନୀତି ଦ୍ୱାରା ଚାଷ ଓ ଚାଷୀଙ୍କୁ ପ୍ରୋତ୍ସାହନ, ବିଭିନ୍ନ ପ୍ରକାର ଫସଲ ଚାଷ, ଅଣଧାନ୍ୟ ଫସଲ ଚାଷକୁ ପ୍ରୋତ୍ସାହନ, କୃଷି ସହିତ ସମ୍ପୃକ୍ତ ଉଦ୍ୟାନ କୃଷି, ମାଛଚାଷ, ଗୋପାଳନ ଓ ଛେଳି, ମେଣ୍ଢା, କୁକୁଡ଼ା, ବତକ ପାଳନ ଆଦି କାର୍ଯ୍ୟକୁ ଓଡ଼ିଶା ସରକାର ପ୍ରୋତ୍ସାହିତ କରି ଚାଷୀଙ୍କ ଆୟ ବୃଦ୍ଧିରେ ସହାୟକ ହେଉଛନ୍ତି। ସ୍ୱତନ୍ତ୍ର କୃଷି ବଜେଟ ମାଧ୍ୟମରେ ଚାଷୀଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ପ୍ରଦାନ କରାଯାଉଛି। ତେଣୁ ଏସବୁ ନାନାବିଧ ଉଦ୍ୟମ ଓ ଯୋଜନାର ସୁଫଳ ଯେ ମିଳିଛି ତାହାକୁ ଅସ୍ୱୀକାର କରିହେବନାହିଁ।କରୋନା ମହାମାରୀର ପ୍ରଭାବ ଓଡ଼ିଶାର କୃଷିକ୍ଷେତ୍ରକୁ ପ୍ରଭାବିତ କରିଥିଲା। ଏହା ଫଳରେ ୨୦୨୦-୨୧ ଦୁଇ ବର୍ଷ ମଧ୍ୟରେ କୃଷି କ୍ଷେତ୍ରର ଅଭିବୃଦ୍ଧି ୬.୫୪% ସଂକୁଚିତ ହୋଇଥିଲା। ଏବେ ମହାମାରୀର ପ୍ରଭାବ ନାହିଁ। ସବୁ କ୍ଷେତ୍ର ସ୍ୱାଭାବିକ ତେଣୁ କୃଷିକ୍ଷେତ୍ରର ଅଭିବୃଦ୍ଧି ହାର ବଢ଼ାଇବାକୁ ରାଜ୍ୟ ସରକାର ତତ୍ପର। ନିକଟରେ କୃଷି ବିଭାଗର ନବନିଯୁକ୍ତ କର୍ମଚାରୀମାନଙ୍କୁ ଉଦବୋଧନ ଦେବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ଏହି କ୍ଷେତ୍ର ସର୍ବାଧିକ ଲୋକଙ୍କୁ ନିଯୁକ୍ତି ଦେଉଥିବାରୁ ଏହାର ବିକାଶ ଉପରେ ତାଙ୍କ ସରକାର ସ୍ୱତନ୍ତ୍ର ଗୁରୁତ୍ୱ ଦେଉଛନ୍ତି। ସାମାଜିକ ଆର୍ଥିକ ବିକାଶରେ କୃଷିର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ଏଥିପାଇଁ ସରକାର ସବୁମତେ ଉଦ୍ୟକ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ଯଥାର୍ଥ ଏବଂ ସେ ଏହି କ୍ଷେତ୍ରର ଗୁରୁତ୍ୱ ଓ ଅପରିହାର୍ଯ୍ୟତା ଭଲ ଭାବେ ବୁଝିଥିବା ସ୍ପଷ୍ଟ। ସେଥିପାଇଁ ତ ସରକାର କୃଷି କ୍ଷେତ୍ରରେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ମାଧ୍ୟମରେ ହସ୍ତକ୍ଷେପ କରି ଏହାର ପ୍ରଗତି ପାଇଁ କାର୍ଯ୍ୟ କରୁଛନ୍ତି। ବସ୍ତୁତଃ, ସମାବେଶୀ ଓ ପ୍ରଗତିଶୀଳ ରାଜ୍ୟ କୃଷି ନୀତି ତାହାର ସ୍ୱତନ୍ତ୍ର ଉଦାହରଣ। ନୂଆ ପ୍ରୟାସରେ ନୂତନ ଓ ଅତିରିକ୍ତ ଲୋକବଳର ଆବଶ୍ୟକତା ରହିଛି। ଏହି ଲୋକଶକ୍ତି ନିଷ୍ଠାର ସହ କାର୍ଯ୍ୟକଲେ କୃଷି କ୍ଷେତ୍ରର ଉନ୍ନତି ନିଶ୍ଚିତ ସମ୍ଭବ। କାଳିଆ ଯୋଜନା ଠାରୁ ଆରମ୍ଭ କରି ବିହନ ମିଶନ ଓ ଧାନ ସଂଗ୍ରହ ଆଦି କାର୍ଯ୍ୟରେ ପ୍ରତ୍ୟେକ କୃଷିଜୀବୀଙ୍କୁ ଉପକୃତ କରିବାକୁ ସରକାର ପ୍ରୟାସ କରୁଛନ୍ତି। ସର୍ବୋପରି କୃଷିକୁ ୫-ଟି ଓ ମୋ ସରକାର ଯୋଜନାର ଅନ୍ତର୍ଭୁକ୍ତ କରାଯାଇଛି। କୃଷିକ୍ଷେତ୍ରରେ ଟେକନୋଲୋଜିର ପ୍ରୟୋଗ ସହିତ ଚାଷକୁ ଅଧିକ ସରଳ ଓ ସହଜ କରିବାକୁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସତକଥା କହିବାକୁ ଗଲେ ଓଡ଼ିଶା କୃଷି ଆଉ ପୂର୍ବଭଳି ଦୟନୀୟ ଅବସ୍ଥାରେ ନାହିଁ। ରାଜ୍ୟ ଖାଦ୍ୟଶସ୍ୟ ଉତ୍ପାଦନରେ ବଳକା ହୋଇଛି। ଦୁଗ୍ଧ, ମାଛ, ମାଂସ, ଅଣ୍ଡା, କାଜୁ ଓ ଅନ୍ୟାନ୍ୟ ଉଦ୍ୟାନ କୃଷି ଫସଲରେ ଅଗ୍ରଣୀ ରହିଛି।



ଇଂ. ସୌମିତ ସାଇନାରାୟଣ ଭୂୟାଁ

ଏହାସତ୍ତ୍ୱେ ଏ କ୍ଷେତ୍ରରେ ଆହୁରି ଅନେକ କିଛି ସମସ୍ୟା ରହିଛି। ସେଥିରୁ ପ୍ରଥମଟି ହେଲା ଚାଷବାସ କ୍ଷେତ୍ରରେ ଆବଶ୍ୟକତା ଠାରୁ ଅଧିକ ଲୋକ ରହିଛନ୍ତି। ସେମାନଙ୍କୁ ଅନ୍ୟତ୍ର ବିକଳ୍ପ ଓ ଯଥାର୍ଥ ରୋଜଗାର ସୁବିଧା ଯୋଗାଇବାକୁ ପଡ଼ିବ। ଦ୍ୱିତୀୟ କଥା ହେଲା ଧାନଚାଷ ପରିମାଣ କମାଇ, ସେ ଜମିରୁ ତୈଳବୀଜ, ପନିପରିବା ସମେତ ଅନ୍ୟାନ୍ୟ ଅର୍ଥକାରୀ ଫସଲ ଅଧିକରୁ ଅଧିକ ଉତ୍ପାଦନ କରିବାକୁ ହେବ। ରାଜ୍ୟ ସରକାର ଏ କ୍ଷେତ୍ରରେ ଅବଶ୍ୟ କିଛି ପଦକ୍ଷେପ ଆରମ୍ଭ କରି ଅଣଧାନ୍ୟ ଫସଲ ଚାଷକୁ ଉତ୍ସାହିତ କରୁଛନ୍ତି। ତୃତୀୟ କଥାଟି ହେଲା ଗ୍ରାମାଞ୍ଚଳରେ ସମବାୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ କୃଷିଜାତ ଦ୍ରବ୍ୟର ସଂଗ୍ରହ ଓ ବିପଣନକୁ ଅଧିକ ସୁସଂହତ କରିବାକୁ ହେବ ଏବଂ ଖାଦ୍ୟ ଶସ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗକୁ ଅଧିକ ପ୍ରୋତ୍ସାହିତ କରିବାକୁ ପଡ଼ିବ। ଚାଷୀ ଯେପରି ଠିକ୍ ସମୟରେ ସାର, କୀଟନାଶକ ଓ ବିହନ ପାଆନ୍ତି, ସେ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ହେବ। ସର୍ବୋପରି କୃଷି ବିଭାଗର କ୍ଷେତ୍ରସ୍ତରରେ କର୍ମଚାରୀ ଅଭାବ ରହିଛି। ଫଳରେ ଚାଷୀ ଉପଯୁକ୍ତ ପରାମର୍ଶ ଓ ଦିଗଦର୍ଶନ ପାଉନାହାନ୍ତି। ସେଥିପ୍ରତି ସରକାରଙ୍କୁ ଅଗ୍ରାଧିକାର ଭିତ୍ତିରେ କାମ କରିବାକୁ ପଡ଼ିବ। ସରକାର କୃଷିକ୍ଷେତ୍ରକୁ ସ୍ୱତନ୍ତ୍ର ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିବା ଅର୍ଥ ସମଗ୍ର ବିଭାଗ ଏହାର ଗୁରୁତ୍ୱକୁ ଅନୁଭବ କରୁଥିବେ ନିଶ୍ଚୟ। ତେଣୁ ତାଙ୍କ ଲକ୍ଷ୍ୟ ପୂରଣ କରିବା ଦିଗରେ ସମ୍ପୃକ୍ତ ବିଭାଗ ସଫଳ ହେବ ବୋଲି ଆଶା କରିବା ସ୍ୱାଭାବିକ। ରାଜ୍ୟର ଅର୍ଥ ବିଭାଗ ଭଲ କାମ କରୁଛି। ଏବେ ଅର୍ଥର ଅଭାବ ସରକାରଙ୍କର ନାହିଁ। ତେଣୁ ଯେଉଁସବୁ ଅଗ୍ରାଧିକାର କ୍ଷେତ୍ର ଅଧିକ କର୍ମଚାରୀ, ସମ୍ବଳ ଓ ରାଜକୃପା ମାଗୁଛି, ତାହାକୁ ପୂରଣ କରାଯିବା ଉଚିତ।

ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ : ୯୪୩୯୮୬୫୪୩୧

# ଜୀବନ ଯୁଦ୍ଧର ଲଢ଼େଇରେ ସୁଶୋଭିତା ଦିବ୍ୟାଙ୍ଗ ପୁଷ୍ପଲତା

ଲିଙ୍କରୋଡ଼ର ଗଳିପୋଲରୁ ଖାନନଗର ମୁଖ୍ୟ ରାସ୍ତା ପୂର୍ବରୁ ରେଳପୋଲର କିଛି ଦୂରର ବାମ ପାର୍ଶ୍ୱରେ ନୂଆଁଣିଆ ଭଙ୍ଗା ଛପର ଘର ଭିତରେ ଦିବ୍ୟାଙ୍ଗ ପୁଷ୍ପଲତାଙ୍କ ଛୋଟିଆ ଦୋକାନଟିଏ। ଯେଉଁଥିରେ ପାଞ୍ଚ ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ ହୁଅନ୍ତି। ପିଲାଟି ଦିନରୁ ମେଧାବୀ ଛାତ୍ରୀଟିଏ ହୋଇ ପରିବାରର ସୁଖ ଦୁଃଖରେ ସାଥି ହେବାସହ ସମାଜ ସେବା ପାଇଁ ତାଙ୍କର ବହୁତ ଇଚ୍ଛା ଥିଲା। ହେଲେ ଭାଗ୍ୟ ସାଥ ଦେଲାନାହିଁ। ପୋଲିଓର ଅଭାବନୀୟ ସ୍ୱାସ୍ଥ୍ୟ ଦୁଃଖ ତାଙ୍କ ଦୁଇ ପାଦକୁ ବାନ୍ଧିଦେଲା। ସ୍ୱର୍ଗତଃ ସୁଦର୍ଶନ ସାହୁ ଓ ମା'ବାସନ୍ତୀ ଦେବୀଙ୍କ ଝିଅ ହେଉଛନ୍ତି ପୁଷ୍ପଲତା। ତିନି ଭଉଣୀ ଓ ଗୋଟିଏ ଭାଇଙ୍କୁ ନେଇ ତାଙ୍କର ହସ ଖୁସିର ଦୁନିଆ ଭିତରେ ପୋଲିଓର ଯନ୍ତ୍ରଣାଦାୟକ ଚଡ଼କ ସମଗ୍ର ପରିବାକୁ ମ୍ରିୟମାଣ କରିଦେଲା। ସ୍ଥାନୀୟ କୁସୁମଦେବୀ ମହାବିଦ୍ୟାଳୟରୁ ଯୁକ୍ତ+୨ ପାଠପଢ଼ିଥିବା ପୁଷ୍ପଲତା ପରିବାରର ଦାନାପାଣିର ଝଡ଼କୁ ନିଜ ମୁଣ୍ଡ ଉପରକୁ ନେଇଗଲେ। ବାପାଙ୍କର ପଚାଶ ବର୍ଷର ଛୋଟିଆ ବିସ୍କୁଟ ଷ୍ଟେସନାରୀ ସହ ସରକାରୀ ସ୍ୱୀକୃତି ପ୍ରାପ୍ତ ଭାଙ୍ଗ ଦୋକାନର ଦାୟିତ୍ୱ ସେ ନେଲେ। ଇତିମଧ୍ୟରେ ଦଶ ବର୍ଷ ହେଲାଣି ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଦୋକାନରେ ସେ ଚଳତଶକ୍ତିହୀନ ହୋଇଥିବାରୁ ବସି ରହି ଦୋକାନ ଚଳାଉଛନ୍ତି। ଷୋଳବର୍ଷ ତଳୁ ରେଳବାଇର ଜାଗା ଉପରେ ତିଆରି ହୋଇଥିବା ତାଙ୍କ ଚାଳଛପର ମୁଣ୍ଡ ଗୁଞ୍ଜିବାର ଗୁଜୁରାଣର ସଂସ୍ଥାନଟି ଆଜି ଅନେକ ସମସ୍ୟା ଦେଇ ଗତି କରୁଛି। ସରକାରଙ୍କ କୌଣସି ସାହାଯ୍ୟ ସୁଯୋଗ ଏଯାବତ ସେ ପାଇନାହାଁନ୍ତି। ସରକାରୀ ଜାଗା ଉପରେ ଅସ୍ଥାୟୀ ଘରଟି କରିଥିବାରୁ ଚାଳଛପରର ଘରର ଭବିଷ୍ୟତକୁ ନେଇ ସେ ବଡ଼ ଚିନ୍ତାଗ୍ରସ୍ତ। ସରକାର ଦିବ୍ୟାଙ୍ଗ ମାନଙ୍କ ଥଇଥାନ ପାଇଁ ବିଶେଷକରି ମହିଳାମାନେ ଯେଉଁମାନଙ୍କ ଦାନା ପାଣିରେ ପରିବାର ପ୍ରତିପୋଷଣ ହେଉଛି ସେମାନଙ୍କ ଆର୍ଥିକ ଅଗ୍ରଗତି ଓ ଭରଣପୋଷଣ ପାଇଁ ଅନେକ ପର୍ଯ୍ୟାପ୍ତ ଯୋଜନା ରହିଛି।



ସୌମ୍ୟ ସାଇ ସିଦ୍ଧାର୍ଥ ଭୂୟାଁ

ବର୍ତ୍ତମାନର ରେଳବାଇର ଜାଗା ତାଙ୍କୁ ଲିଜ ସୂତ୍ରରେ ମିଳୁ ବୋଲି ତାଙ୍କର ଗୁହାରି ରହିଛି। ଭେଣ୍ଡିଂ ଜୋନଟିଏ ପାଇଲେ ନିରାପଦ ଭାବରେ ଦୁଇ ପଇସାର ଗୁଜୁରାଣ ଚଳାଇପାରିବେ। ତେବେ ତାଙ୍କର ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ଗୋଟିଏ ତିନିଚକିଆ ଟ୍ରଲି। ସେ ଜଣେ ଚାଲିବା ପାଇଁ ଅକ୍ଷମ ହୋଇଥିବାବେଳେ ସର୍ବନିମ୍ନ ଯାତାୟତ ପାଇଁ ଟ୍ରଲି ଖଣ୍ଡେ ଅତ୍ୟନ୍ତ ପ୍ରୟୋଜନୀୟ ଓ ଗୁରୁତ୍ୱପୂର୍ଣ୍ଣ। ମେଧାବୀ ଛାତ୍ରୀଟି ହୋଇଥିବାରୁ ତାଙ୍କର ପାଠପଢ଼ା ପ୍ରତି ବହୁତ ଆଗ୍ରହ ତ ରହିଥିଲା ଯାହାର ଫଳସ୍ୱରୂପ ପ୍ରତିଦିନ ସେ ଚାରିପାଞ୍ଚଟି ଖବର କାଗଜ କିଣନ୍ତି। ଏହି ପ୍ରତିନିଧି ତାଙ୍କୁ ଭେଟିବାବେଳେ ତାଙ୍କ ପାଖରେ 'ସମ୍ବାଦ', 'ପ୍ରମେୟ', 'ପ୍ରଗତିବାଦୀ' ଠାରୁ ଅନ୍ୟ ଦୁଇ ତିନିଟି ଖବର କାଗଜ ମଧ୍ୟ ଦେଖିବାକୁ ପାଇଥିଲେ। ଏଯାବତ କୌଣସି ସରକାରୀ ସହାୟତା ସେ ପାଇନାହାଁନ୍ତି ତାହା ହିଁ ବଡ଼ ଆଶ୍ଚର୍ଯ୍ୟର କଥା। ସ୍ଥାନୀୟ ସାଇ କମିଟି ଓ ଅଧିବାସୀ ବୃନ୍ଦଙ୍କର ତାଙ୍କ ଉପରେ ବହୁତ ଶ୍ରଦ୍ଧା ରହିଛି। ନିଜେ ଚଳତଶକ୍ତିହୀନ ହୋଇଥିଲେ ମଧ୍ୟ ନିଜ ସକ୍ଷମ ଅନୁଯାୟୀ ଯେତିକି ସମ୍ଭବ ଦାନଧର୍ମ କରନ୍ତି। ଦୋକାନକୁ ଆସୁଥିବା କୌଣସି ଗରିବ ଅସହାୟଙ୍କୁ ସେ ଯାହାବି ଟିକେ ହେଉ ଖାଲି ପେଟରେ ଫେରାନ୍ତି ନାହିଁ। ଦୋକାନର ପଛପଟେ ବୋହି ଯାଉଛି କାଠଯୋଡ଼ି ନଈ। ନଈର ଜଳଧାର ପ୍ରବାହିତ ପରି ଏପରି ଜଣେ ଚଳତଶକ୍ତିହୀନ ଅଥଚ ପରିବାର ଓ ସମାଜ ସେବାକୁ ବିନା ଦୁଃଖରେ ଆଗେଇ ନେଉଥିବା ମେହନତୀ ଝିଅଟିର ପ୍ରତିଜ୍ଞାବଦ୍ଧତା ଓ ସାଧୁ ସଚ୍ଚୋଟତା ପ୍ରଶଂସନୀୟ ନିଶ୍ଚୟ। ତାଙ୍କ ଦୋକାନରେ ଛାଡ଼ି ଯାଇଥିବା କିଛି ଅଜଣା ଲୋକଙ୍କ ମୂଲ୍ୟବାନ ସାମଗ୍ରୀ ସେ ଖୋଜିଲୋଡ଼ି ଫେରାଇଛନ୍ତି। ନାଁ ଚାହିଁଛନ୍ତି ପୁରସ୍କାର ନାଁ ପ୍ରଶଂସା। ଆଜିର ପ୍ରଚାର ସର୍ବସ୍ୱ ସମାଜ ସେବା ଯୁଗରେ ନିଜକୁ ବିଜ୍ଞପିତ କରିବା ପାଇଁ ସେ କେବେ ଚାହିଁନାହାଁନ୍ତି। ନିଜ ଆତ୍ମ ସମ୍ମାନ ଓ ସ୍ୱାଭିମାନକୁ ତଳେ ପକାଇ କାହା ପାଖରେ ହାତି ପାତି ନାହାଁନ୍ତି କି ମୁଣ୍ଡ ଝୁକାଇ ନାହାଁନ୍ତି। ପ୍ରଶାସନ ତାଙ୍କ ଅଭିଯୋଗକୁ ସହୃଦୟତାର ସହିତ ଶୁଣନ୍ତୁ। ତାଙ୍କ ନିଃସ୍ୱାର୍ଥପର ସେବା ଓ ଦିବ୍ୟାଙ୍ଗ ହୋଇ ମଧ୍ୟ ସ୍ୱାଭିମାନର ସହ ଜୀବନ ଯୁଦ୍ଧରେ ଲଢୁଥିବାର ପ୍ରତିଜ୍ଞାବଦ୍ଧତାକୁ ଶତ ସହସ୍ର ସଲାମ।

*ସାଇବିଥି, ୭ଡି/୧୩୫୪, ସେକ୍ଟର-୯,
ସିଡିଏ, କଟକ,
ଦୂରଭାଷ : ୯୦୯୦୦୫୧୫୪୩*

# ଏ ସବୁ ଈଶ୍ୱରଙ୍କ ପ୍ରକୋପ କି ?

ଏବେ ଚାରିଆଡ଼େ ଚର୍ଚ୍ଚା ଚାଲିଛି ତୁର୍କୀ ଓ ସିରିୟାରେ ହୋଇଥିବା ଭୟାନକ ଭୂକମ୍ପ ବିଷୟରେ । ଭଗ୍ନସ୍ତୂପ ମଧ୍ୟରୁ ଶୁଭୁଛି ବଂଚାଅ..ବଂଚାଅ..ବଂଚାଅର ବିକଳ ଡ଼ାକ । ପଡ଼ିରହିଥିବା କଂକ୍ରିଟ ଚାଦର ତଳେ ପ୍ରତି ମୁହୂର୍ତ୍ତରେ ଚାଲିଛି ମୃତ୍ୟୁ ସହ ସଂଗ୍ରାମ। କିଏ ତଳୁ ହାତ ହଲାଇ ପ୍ରାଣ ଭିକ୍ଷା କରୁଛି ତ କିଏ ଅଳ୍ପ ସ୍ୱରରେ ତ୍ରାହି ତ୍ରାହି ଡ଼ାକ ଛାଡୁଛି । ଅନ୍ୟପଟେ ଭୂକମ୍ପରୁ ରକ୍ଷା ପାଇ ଯାଇଥିବା ଲୋକେ କାନ୍ଦି କାନ୍ଦି ନିଜ ପରିବାର ପରିଜନଙ୍କୁ ଖୋଜିବାରେ ଲାଗିଛନ୍ତି । ଯେତେବେଳେ କ୍ଷତବିକ୍ଷତ ଶରୀରକୁ ଚିକିତ୍ସା ପାଇଁ ହସ୍ପିଟାଲ ନେଇ ପହଂଚୁଛନ୍ତି, ହସ୍ପିଟାଲଗୁଡ଼ିକରେ ବି ସ୍ଥିତି ହୃଦୟବିଦାରକ ପାଲଟିବାର ଦେଖିବାକୁ ପାଉଛନ୍ତି। ତୁର୍କୀ ଓ ସିରିୟାର ଏଭଳି ଦୟନୀୟ ପରିସ୍ଥିତି ବିଶ୍ୱବାସୀଙ୍କ ଆଖିରେ ଲୁହ ଭରି ଦେଇଛି।

ପ୍ରକୃତରେ ଏ ସାଂସାରୀକ ଜୀବନ କ୍ଷଣସ୍ଥାୟୀ ମାତ୍ର । ଆଜିର ଦିନରେ ବିଶ୍ୱରେ ମାନବିକତାର ଉତ୍କଟ ସଂକଟ ଦେଖାଦେଇଛି ଏବଂ ଭଲ ମଣିଷଟିଏ ଖୋଜି ପାଇବା ବିରଳ। ଅସାଧୁତା, ଦୁର୍ନୀତି, ବ୍ୟଭିଚାର, ମିଥ୍ୟାଚାର, ଘୃଣା, ଦୁଷ୍କର୍ମ, ଦୈନନ୍ଦିନ ଜୀବନଶୈଳୀରେ ପରିଣତ ହୋଇ ସାରିଲାଣି। ବିଦ୍ରୋହ ଓ ଆନ୍ଦୋଳନ ସାଧାରଣ ଘଟଣା, ହତ୍ୟାକୁ ଉଭୟେ ଶାସକ ଓ ଶାସିତ ଶାନ୍ତି ସ୍ଥାପନ ଦିଗରେ ନ୍ୟାୟପୂର୍ଣ୍ଣ ମାର୍ଗ ବୋଲି ବିଚାରୁଛନ୍ତି। ପ୍ରାକୃତିକ ବିପ୍ରାପ୍ତ ଦ୍ୱାରା ବିଶ୍ୱର ଭାରସାମ୍ୟର ମଧ୍ୟ ଅବନତୀ ଘଟିଛି। କେଉଁଠି ଦୁର୍ଭିକ୍ଷ ତ କେଉଁଠି ଭୟଙ୍କର ବୃଷ୍ଟି ତ କେଉଁଠାରେ ଭୂମିକମ୍ପ ତ କେଉଁଠାରେ ପ୍ରଚଣ୍ଡ ତାତି। ଏପରିକି ଏଡ୍ସ, ସ୍ୱାଇନ୍‌ଫ୍ଲୁ, ଇବୋଲା ଏବଂ କରୋନା ପରି ବଡ଼ ରୋଗ ମଣିଷ ଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି। ଏବେ ରୁଷ-ୟୁକ୍ରେନ ମଧ୍ୟରେ ବି ଦୀର୍ଘ ଲଢେଇ ଲାଗିରହିଛି। ସମସ୍ତଙ୍କୁ ଭୟ ଘାରୁଛି କି ତୃତୀୟ ମହାବିଶ୍ୱଯୁଦ୍ଧ ହୋଇତ ଯିବ ନି ? ଯେଉଁ ଗତିରେ ଶାନ୍ତି ଆଜି ପୃଥିବୀରୁ ଲୋପ ହେବାରେ ଲାଗିଛି, ତାହା ପ୍ରତି ବିଚାରବନ୍ତ ବ୍ୟକ୍ତିକୁ ଚିନ୍ତାରେ ପକାଇଛି। ଏଥିରେ ଉଭୟ ଆସ୍ତିକ ଓ ନାସ୍ତିକ ପ୍ରଭାବିତ ହୋଇଛନ୍ତି।

ଏ ସବୁ କ'ଣ ? ଏବଂ କାହିଁକି ଏପରି ବିପ୍ରାପ୍ତ ? କ'ଣ ଏହା ମଧ୍ୟରେ ରହସ୍ୟ ରହିଛି ? ମନକୁ ଏ କଥା ବହୁତ ଆନ୍ଦୋଳିତ କରୁଛି। ମହାପୁରୁଷ ଏବଂ ଅନ୍ତିମ ଯୁଗର ପ୍ରବର୍ତ୍ତକ, ପ୍ରତିଶ୍ରୁତ ଅବତାର ଓ ମସିହ ତଥା ଅହମଦୀୟା ମୁସଲିମ ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ ସାହେବ ବିଶ୍ୱ ସମାଜକୁ ମହା ପ୍ରଳୟର ଚେତାବନୀ ଦେଇ ତାଙ୍କ ପୁସ୍ତକ "ହକିକତୁଲ ଓହି,ପୃଷ୍ଠା-୨୬୯ରେ"ଲେଖିଛନ୍ତି, ହେ ୟୁରୋପ ! ତୁ ମଧ୍ୟ ଶାନ୍ତିରେ ନାହୁଁ। ହେ ଏସିଆ ! ତୁ ମଧ୍ୟ ନିରାପଦ ନାହୁଁ । ହେ ଦ୍ୱୀପପୁଞ୍ଜବାସୀ ! କୌଣସି କୃତ୍ରିମ ଈଶ୍ୱର ତୁମକୁ ସାହାଯ୍ୟ କରିବେ ନାହିଁ । ମୁଁ ମହାନଗରୀ ସବୁ ଟଳି ପଡୁଥିବାର ଦେଖି ପାରୁଛି ଓ ଆବାଦି ବସ୍ତିକୁ ପରିତ୍ୟକ୍ତ ଓ ଅନାବାଦି ଅବସ୍ଥାରେ ଦେଖିବାକୁ ପାଉଛି। ପରମେଶ୍ୱର ବହୁ ସମୟ ଧରି ନୀରବ ରହିଲେ ଏବଂ ତାଙ୍କ ସମ୍ମୁଖରେ ବିଭତ୍ସ ଓ ଘୃଣିତ କାର୍ଯ୍ୟ କରାଗଲା, କିନ୍ତୁ ସେ ବାକ୍‌ସ୍ଫୁର୍ତ୍ତି କଲେ ନାହିଁ । ବର୍ତ୍ତମାନ ସେ ନିଜର ରୋଷଯୁକ୍ତ ମୁଖମଣ୍ଡଳ ଦେଖାଇଲେ । ଯାହାର କାନ ଅଛି, ସେ ଶୁଣିନେଉ ଯେ ସେ ସମୟ ଏବେ ଆଉ ବେଶୀ ଦୂର ନାହିଁ। ମୁଁ ଯଥା ସାଧ୍ୟ ପ୍ରୟାସ କରିଛି ଯେ ପ୍ରଭୁଙ୍କ ଶାନ୍ତିପ୍ରଦ ଛାୟା ତଳେ ସମସ୍ତଙ୍କୁ ଏକତ୍ରିତ କରିବି । ପୁଣି ଏହା ଜରୁରୀ ଥିଲା ଯେ ନିୟତିର ବିଧାନ ଅବଶ୍ୟ ପୂରଣ ହେଉ । ମୁଁ ନିରାଟ ସତ କହୁଛି ଯେ ଏ ଦେଶର ନୂତନ ପରିବର୍ତ୍ତନ ମଧ୍ୟ ନିକଟତର ହୋଇ ଆସୁଛି । ନୋହାଙ୍କ ଯୁଗ ତୁମ ଚକ୍ଷୁ ସମ୍ମୁଖରେ ମହାଚକ୍ରବାତ ଜନିତ ବନ୍ୟାର ତାଣ୍ଡବ ଭଳି ଦୃଶ୍ୟ ଆସିଯିବ । ଲୁତ୍‌ଙ୍କ ଭୂମିର ଘଟଣା ତୁମେ ନିଜସ୍ୱ ନେତ୍ରରେ ଚରମ ବ୍ୟଭିଚାରର କୁପରିଣାମ ସ୍ୱରୂପ ଏଡ୍ସ ମହାମାରୀର ଭୟାବହତା ଦେଖିପାରିବ। କିନ୍ତୁ ପରମେଶ୍ୱର ପ୍ରକୋପ ସାଧନରେ ମନ୍ଥର ଗତିକୁ ପସନ୍ଦ କରନ୍ତି। ଏଣୁ ଅନୁତାପ କର । ଫଳରେ ତୁମ ପ୍ରତି ଦୟା କରା ଯାଇପାରିବ ।

ହଜରତ ଅହମଦ କୁହନ୍ତି; ଅଲ୍ଲାଃଙ୍କ ତରଫରୁ ଏକ ମହାନ୍ ଭବିଷ୍ୟତବାଣୀ ପ୍ରାପ୍ତ ହୋଇଛି ଯେ ଈଶ୍ୱର ମୋ ଘରର ଚଉହଦୀ



ମୌଲାନା ଫଜଲ ହକ ଖାଁ

ଭିତରେ ଥିବା ସତ୍ୟନିଷ୍ଠ ବ୍ୟକ୍ତି ଯେଉଁମାନେ ଈଶ୍ୱରଙ୍କ ସମ୍ମୁଖରେ ଓ ତାଙ୍କ ପ୍ରେରିତ ଦୂତଙ୍କ ସମ୍ମୁଖରେ ଅହଙ୍କାର ପ୍ରଦର୍ଶନ କରୁନାହାନ୍ତି, ସେ ସେମାନଙ୍କୁ ପ୍ଲେଗର ବିପତିରୁ ମୁକ୍ତି ପ୍ରଦାନ କରିବେ। ଅନ୍ୟମାନଙ୍କ ତୁଳନାରେ ଅପେକ୍ଷାକୃତ ଏହି ସମ୍ପ୍ରଦାୟ ପ୍ରତି ତାଙ୍କର ବିଶେଷ କୃପା ରହିବ।

ଈଶ୍ୱରଙ୍କ ଏକଥା ଯେ 'ଇନ୍ନି ଉହାଫିଜୁ କୁଲ୍ଲା ମନ୍ ଫିଦ୍‌ଦାର୍' ଅର୍ଥାତ୍ 'ପ୍ରତ୍ୟେକ ବ୍ୟକ୍ତି ଯିଏ ତୁମ ଗୃହର ଚାରିକାନ୍ଥ ଭିତରେ ଅଛି ମୁଁ ତାଙ୍କୁ ରକ୍ଷା କରିବି।' ଲେଖକ କୁହନ୍ତି, ଏଠାରେ ଏହା ଭାବିବା ସମିଚୀନ ନୁହେଁ ଯେ ଏହି କଥା ସେହି ଲୋକମାନଙ୍କ ସକାଶେ କୁହାଯାଇଛି, ଯେଉଁମାନେ ମୋ ଘର ଭିତରେ ଅଛନ୍ତି । ଅର୍ଥାତ ମୋର ଏହି ଝାଟିମାଟିର ଘରେ ରହୁଛନ୍ତି। ବରଂ ସେହି ଲୋକମାନେ ମଧ୍ୟ, ଯେଉଁମାନେ ମୋର ସମ୍ପୂର୍ଣ୍ଣ ଅନୁସରଣ କରୁଛନ୍ତି, ସେମାନେ ମୋ ଆଧ୍ୟାତ୍ମିକ ଘରେ ପ୍ରବେଶ ହୋଇଛନ୍ତି। ଏହାକୁ ଅନୁସରଣ କରିବା ପାଇଁ ଏ କଥାର ସର୍ତ୍ତ ମଧ୍ୟ ରହିଛି ଯେ ସେମାନେ ମନରେ ଏହି ବିଶ୍ୱାସ ପୋଷଣ କରନ୍ତି ଯେ ସେମାନଙ୍କର ଜଣେ ସର୍ବଶକ୍ତିଶାମାନ, ଚୀରସ୍ଥାୟୀ ଓ ବିଶ୍ୱ ବ୍ୟାପକ ସ୍ରଷ୍ଟା ଈଶ୍ୱର ଅଛନ୍ତି, ଯିଏ ତାଙ୍କ ବିଶେଷ ଅନୁପମ ଗୁଣରେ ଅନାଦି, ସର୍ବକାଳୀନ ଓ ସ୍ୱୟଂ ପ୍ରତିଷ୍ଠିତ।

ଏ ସଂବନ୍ଧରେ ପବିତ୍ର କୋରାନ କୁହେ; "ଓ୍ୱମା କୁନ୍ନା ମୁଅ'ଜ୍ଜିବିନା ହତ୍‌ତା ନବ୍‌ଅସା ରସୁଲା"(ପବିତ୍ର କୋରାନ,ସୁରାଃ-ବନି ଇସ୍ରାଇଲ:୧୬)ଅର୍ଥାତ୍ ଆମ୍ଭେ(କୌଣସି ସମ୍ପ୍ରଦାୟ ପ୍ରତି) ଜଣେ ରସୁଲ(ଅବତାର)ପ୍ରେରଣ ନକରିବା ପର୍ଯ୍ୟନ୍ତ କୌଣସି ଶାସ୍ତି ପ୍ରଦାନ କରୁନାହୁଁ। କ'ଣ ଏ ବିପ୍ରାପ୍ତ ରୂପି ଶାସ୍ତି ଘୋଷଣା କରୁଛି କି କେହି ଜଣେ ଅବତାର ଆସି ଯାଇଛନ୍ତି କି ? କ'ଣ ଆମେ ସ୍ରଷ୍ଟାଙ୍କ ସେହି ବାଣୀକୁ ବୁଝିପାରିଲେ ନାହିଁ କି ? ନିଜ ସ୍ରଷ୍ଟାକୁ ଚିହ୍ନିବାରେ କୌଣସି ଅବହେଳା ହୋଇଗଲା ତ ନାହିଁ ? କ'ଣ ଏ ବିପ୍ରାପ୍ତ ଆମର ଅମାନିଆ ଯୋଗୁଁ ତ ନୁହେଁ ? ଏ ଯୁଗରେ ଭିନ୍ନ ଭିନ୍ନ ନାମରେ ଯେଉଁ ସବୁ ବିପ୍ରାପ୍ତ ଦେଖା ଯାଉଛି, କ'ଣ ସେ ଈଶ୍ୱରଙ୍କର ପ୍ରକୋପ କି ? ଯଦି ଏହା ସତ୍ୟ ତେବେ ଅହମଦୀୟା ମୁସଲିମ ସଂଗଠନର ପ୍ରବର୍ତ୍ତକ ହଜରତ ମିର୍ଜା ଗୁଲାମ ଅହମଦଙ୍କ ଉପରୋକ୍ତ ଲେଖା କ'ଣ ସଂପୂର୍ଣ୍ଣ ଠିକ କି ? ଯଦି ଠିକ ତେବେ ଆମେ ଏ ଘଡ଼ିସନ୍ଧି ମୁହୂର୍ତ୍ତରୁ ତ୍ରାହି ପାଇବା କିପରି ? ଏହାର ଉତରରେ ସେ କହିଛନ୍ତି; "ଯଦି ତୁମେ ଈଶ୍ୱରଙ୍କର ହୋଇଯିବ, ନିଶ୍ଚିତ ରୂପେ ଜାଣିରଖ ଯେ ଈଶ୍ୱର ମଧ୍ୟ ତୁମର ହୋଇଯିବେ। ତୁମେ ଶୋଇ ରହିଥିବ, ଅଲ୍ଲାଃତାଲା ତୁମ ପାଇଁ ଜାଗି ରହିବେ। ତୁମେ ଶତ୍ରୁଙ୍କ ପ୍ରତି ଅମନଯୋଗୀ ଥିବ, କିନ୍ତୁ ପ୍ରଭୁ ତାଙ୍କ ପ୍ରତି ସତର୍କ ଦୃଷ୍ଟି ରଖିବେ । ଶତ୍ରୁର ସମସ୍ତ ମନ୍ଦ ଯୋଜନାକୁ ପଣ୍ଡ କରିଦେବେ। ତୁମକୁ ଏପର୍ଯ୍ୟନ୍ତ ଜଣାନାହିଁ ଯେ ତୁମ ପ୍ରଭୁଙ୍କ ନିକଟରେ କ'ଣ କ'ଣ ସବୁ ଶକ୍ତି ରହିଛି। ଯଦି ତୁମେ ଜାଣନ୍ତ, ତେବେ ତୁମ ଉପରେ ଏପରି କୌଣସି ଦିନ ବିତନ୍ତା ନାହିଁ ଯେ ତୁମେ ସଂସାର ପାଇଁ ବହୁତ ଦୁଃଖି ହୋଇଯାଆନ୍ତ।" ଯେଉଁ ଲୋକମାନେ ଅନୁତାପ କରିବେ ଓ ପାପ ଆଚରଣରୁ ନିବୃତ ରହିବେ, ଅଲ୍ଲାଃତାଲା ସେମାନଙ୍କ ପ୍ରତି ସଦୟ ହେବେ ।... ସଦାଚାରୀମାନେ କ୍ଷତିଗ୍ରସ୍ତ ନହୋଇ ଶାନ୍ତିରେ ରହିବେ । ତେଣୁ ତୁମେମାନେ ସଦାଚାରୀ ହୁଅ ଓ ଅଲ୍ଲାଃତାଲାଙ୍କୁ ଭୟ କର । ତଦ୍ଦ୍ୱାରା ତୁମେମାନେ ପରିତ୍ରାଣ ପାଇବ। ଆଜି ଠାରୁ ହିଁ ପ୍ରଭୁଙ୍କୁ ଭୟ କର, ତା' ହେଲେ ସେଦିନର ଭୟାବହ ପରିଣାମରୁ ସୁରକ୍ଷିତ ରହିବ ଓ ଶାନ୍ତିରେ ଜୀବନ ଯାପନ କରିବ।

ଯଦି ବିଶ୍ୱବାସୀ ହଜରତ ଅହମଦଙ୍କ ଏହି ଅମୂଲ୍ୟ ମନ୍ତ୍ରକୁ ବୁଝି ତଦନୁଯାୟୀ କାର୍ଯ୍ୟ ନିର୍ବାହ କରନ୍ତେ ତାହେଲେ ବିଶ୍ୱରେ ମନୁଷ୍ୟ ଜାତି ଆଉ ଅଧିକ ଦିନ ତିଷ୍ଠି ରହି ପାରନ୍ତା । ପରମତପ ଅଲ୍ଲାଃଙ୍କ ନିକଟରେ ଏତିକି ପ୍ରାର୍ଥନା ଯେ ସେ ସମସ୍ତ ମାନବ ସମାଜକୁ ଏଥିପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ। ବିଶ୍ୱବାସୀ ନିଜର ବ୍ୟକ୍ତିଗତ ସ୍ୱାର୍ଥ ଓ ବସ୍ତୁବାଦର ଲାଳସାକୁ ଜଳାଞ୍ଜଳୀ ଦେଇ ନିଜର ଦାୟିତ୍ୱ ପ୍ରତି ସଚେତନ ରହିବା ସଂଗେ ସଂଗେ ନିଜ କର୍ତବ୍ୟକୁ ସୁଚାରୁରୂପେ ସଂପାଦନ କରିବା ପାଇଁ ପ୍ରୟାସ କରନ୍ତୁ । ଆସନ୍ତୁ ଆମେ ସବୁ ମିଳି ମିଶି ସେହି ନିରାକାର ଏକମ୍ ବ୍ରହ୍ମ ଦ୍ୱିତୀୟ ନାସ୍ତିର ଜୟଗାନ କରିବା । ତାଙ୍କୁ ଚିହ୍ନିବା । ତାଙ୍କୁ ଭକ୍ତି କରିବା । ତାଙ୍କ ଠାରୁ ଶକ୍ତି ପାଇବା । ତାଙ୍କ ବିନା ଅନ୍ୟ ଗତି ନାହିଁ । ପରମବ୍ରହ୍ମ ଅଲ୍ଲାଃ ଆମ ସମସ୍ତଙ୍କୁ ଏହି ସବୁ ବିପ୍ରାପ୍ତରୁ ସୁରକ୍ଷିତ ରଖନ୍ତୁ। ତଥା ଏହାର କୁପରିଣାମରୁ ଆମ ସଭିଙ୍କୁ ବଂଚିତ କରନ୍ତୁ । ଏହା ହିଁ ଆମର କାମନା।

*ଭୁବନେଶ୍ୱର
ମୋ-୯୬୯୨୨୨୫୦୫୭*




# ବାୟୋଫ୍ଲକ ଖାଦ୍ୟ ଜରିଆରେ ସାମୁଦ୍ରିକ ଚିଙ୍ଗୁଡ଼ିର ପୋଷଣ ସନ୍ତୁଳନ

ପ୍ରାଣୀମାନଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ନାଇଟ୍ରୋଜେନ ମୁଖ୍ୟତଃ ଅମିନୋ ଏସିଡ଼୍ ଦ୍ୱାରା ଗଠିତ ହୋଇଥାଏ ଯାହାକି ପ୍ରୋଟିନ୍ ଓ ବାୟୋମାସରସନ୍ତୁଳନରେ ସାହାଯ୍ୟ କରେ । ବୈଜ୍ଞାନିକ କାରଣ ଦର୍ଶାଇଛନ୍ତି ଯେ ବାୟୋଫ୍ଲକ ମୁଖ୍ୟତଃ ପ୍ରୋଟିନ୍, କାର୍ବୋହାଇଡ୍ରାଟେ ଏବଂ ଜୀବାଶ୍ମରେ ଗଠିତ ହୋଇଥାଏ ଯାହାକି ଜଳଗୀବ ମାନଙ୍କର ଏକ ପ୍ରମୁଖ ଖାଦ୍ୟ । । ୟୋଫ୍ଲୋକରେ ମୁଖ୍ୟତଃ ଫ୍ୟାଟି ଏସିଡ଼୍ ଥାଏ ଯାହାକି ଚିଙ୍ଗୁଡ଼ି ମାନଙ୍କର ପୋଷକତ୍ତ୍ୱ ଗ୍ରହଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଚିଙ୍ଗୁଡ଼ିମାନଙ୍କର ଅନ୍ତର୍ଦେଶୀୟ ବିଭାଜନରେ ବାୟୋଫ୍ଲୋକ ପ୍ରଯୁକ୍ତି ବିଦ୍ୟା ମୁଖ୍ୟତଃ ନାଇଟ୍ରୋଜେନ ଓ ଫସଫରସ୍ ଯଥାକ୍ରମେ ୭୦ ଓ ୬୬ ଶତକଡ଼ା ବଢ଼ାଇ ଥାଏ । ଏ ଡି ସିର ପରିମାଣ କମିବା ସହିତ ପୋଷକତ୍ତ୍ୱ ମାନଙ୍କର ଆବଶ୍ୟକତା ମଧ୍ୟ କମିଥାଏ । ଏହା ପ୍ରଥମେ ବୈଜ୍ଞାନିକ ମାନଙ୍କ ଦ୍ୱାରା ଆବିଷ୍କାର କରାଯାଇଥିଲା । ଏଥିସହିତ ବାୟୋଫ୍ଲୋକ କାର୍ବନ ଓ ନାଇଟ୍ରୋଜେନର ସନ୍ତୁଳିତ ଆଧାରକୁ ପ୍ରାଧାନ୍ୟ ଦେଇଥାଏ । ବାୟୋଫ୍ଲୋକ ମୁଖ୍ୟତଃ ବିଭିନ୍ନ ଅମିନୋଆସିଡ଼୍ ଯେପରିକି ମ୍ୟୁରାମିକ ଏସିଡ଼୍ ଫାଇଟୋଷ୍ଟେରୋଲ ଆଦି ଧାରଣ କରିଥାଏ । ଏହି ସକ୍ରିୟ ଉପାଦାନ ଗୁଡ଼ିକ ଜଳଜୀବ ମାନଙ୍କର ବୃଦ୍ଧି ଘଟାଇଥାଏ । ଏଥି ସହିତ ଏହା ମଧ୍ୟ ସାମୁଦ୍ରିକ ଚିଙ୍ଗୁଡ଼ି ମାନଙ୍କର ଉତ୍ତମ ଗୁଣବତା ରକ୍ଷା କରେ । ଏହି ଉପାଦାନ ଗୁଡ଼ିକ ଉତ୍ତମ ପ୍ରକ୍ରିୟାରେ ସାହାଯ୍ୟ କରୁଥିବା ଏାଇମ୍ ଗୁଡ଼ିକୁ ସକ୍ରିୟ କରିବା ସହିତ କୋଷଗୁଡ଼ିକୁ ଜୀବାଣୁ ଆକ୍ରମଣରୁ ରକ୍ଷା କରିଥାଏ । ଏବର ସମୟରେ ସାମୁଦ୍ରିକ



ବିଜ୍ଞାନ ମିହିର ରାଉତ

ସାଧାରଣତଃ ସାମୁଦ୍ରିକ ଚିଙ୍ଗୁଡ଼ିର ବୃଦ୍ଧି ନିମନ୍ତେ ଅଧିକାଂଶ ଗବେଷଣା ଘରୋଇ ପଦ୍ଧତି ଜନ୍ମିତ ଅଂଶୁଜୀବାଣୁ ବ୍ୟବହାର କରି ହୋଇଥାଏ । ଯାହାହେଉ ଏଇ ଘରୋଇ ପର୍ଯ୍ୟବେଶିତ ପ୍ରଣାଳୀ ଅଣୁଜୀବାଣୁ ଏବଂ ଶୈବାଳ ମାନଙ୍କର ନିଃଶ୍ୱାସ ପ୍ରଶ୍ୱାସ ପାଇଁ ଅତିରିକ୍ତ ଅମ୍ଳଜାନ ଦରକାର ହୋଇଥାଏ । ଏତଦବ୍ୟତୀତ ସାମୁଦ୍ରିକ ଚିଙ୍ଗୁଡ଼ି ମଧ୍ୟ ଅଣୁଜୀବାଣୁ ଶୈବାଳ ମାନଙ୍କ ସହ ଆବଶ୍ୟକୀୟ ଅମ୍ଳଜାନ ଦରକାର । ଏଇ ପଦ୍ଧତି ସାଧାରଣତ ଉପାୟରେ ହେଉଥିବା ସାମୁଦ୍ରିକ ଚିଙ୍ଗୁଡ଼ି ଚାଷ ପ୍ରଣାଳୀ ଅପେକ୍ଷା ଅଧିକ ଅମ୍ଳଜାନ ଆବଶ୍ୟକ କରିଥାଏ। ଯାହା ଫଳରେ ଏହା ଅମ୍ଳଜାନ ଦ୍ରବିଭୂତ ପ୍ରଣାଳୀର ଖର୍ଚ୍ଚକୁ ଦୂରୀଭୂତ କରିଥାଏ । ଏହାପରେ ମଧ୍ୟ ବୟୋଫ୍ଲୋକ ପ୍ରଣାଳୀରେ ଉପଯୁକ୍ତ ଖାଦ୍ୟ ଉପଯୋଗ ଚାଷ ହେଉଥିବା ଜଳଗୀବମାନଙ୍କର ଚାରି ଖାଇବା ନୀତି ଉପରେ ନିର୍ଭରଶୀଳ ଥାଏ । ବର୍ତ୍ତମାନ ଯୁଗରେ ବୈଜ୍ଞାନିକ ମାନେ ବାୟୋଫ୍ଲୋକ କୌଶଳକୁ ଜଳଜୀବ ମାନଙ୍କର ପୋଷଣ ତତ୍ତ୍ୱରେ ଖାଦ୍ୟ ଶୃଙ୍ଖଳ ଭାବରେ ବ୍ୟବହାର କରୁଛନ୍ତି । ବର୍ତ୍ତମାନ ଦେଖାଯାଉଛି ଯେ ସାମୁଦ୍ରିକ ଚିଙ୍ଗୁଡ଼ି ଚାଷରେ ବ୍ୟବହୃତ ଖାଦ୍ୟରେ ଫିସ୍ ମିଲ ଏକ ମୁଖ୍ୟ ଉପାଦେୟର ଭୂମିକା ନେଉଛି । ଯେଉଁଥିପାଇଁ ବ୍ୟବହୃତ ମାଛ ଖାଦ୍ୟର ବଜାର ମୂଲ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏଣୁ ଉପଯୁକ୍ତ ପ୍ରୋଟିନ୍ ପରିମାଣକୁ ବଢ଼ାଇ ରଖି ଏକ ବିକଳ୍ପ ପ୍ରୋଟିନ୍‌ର ଉତ୍ସ ଖୋଜି ପାଇବ । ଜଳଜୀବ ପାଳନ ଶିଳ୍ପ ଆଜି ଏକ ଚର୍ଚ୍ଚାର ମୁଖ୍ୟ କେନ୍ଦ୍ରବିନ୍ଦୁ । ଗବେଷଣାରୁ ଜଣା ପଡ଼ିଛି ସୋୟାବିନ୍ ଜାତୀୟ ପଦାର୍ଥ ଫିସ୍ ମିଲକୁ ପୁନଃ ସ୍ଥାପନ କରେ ଯାହାକି ପ୍ରୋଟିନ୍ ଓ ଖଣିଜ ଲବଣରେ ଭରପୁର ଅଟେ ଏବଂ ଚିଙ୍ଗୁଡ଼ି ମାନଙ୍କର ଏକ ପ୍ରମୁଖ ଖାଦ୍ୟ ଅଟେ ।





ଚିଙ୍ଗୁଡ଼ି ମାନଙ୍କର ଉତ୍ପାଦନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯାହା କେବଳ ବୟୋଫ୍ଲୋକ ପ୍ରଯୁକ୍ତିବିଦ୍ୟା ଦ୍ୱାରା ସମ୍ଭବ ହୋଇପାରିଛି ଏବଂ ସେ ଏହା ଦର୍ଶାଇଥିଲେ ଯେ ବାୟୋଫ୍ଲୋକ ୭୫ ରୁ ୮୦ ଶତକଡ଼ା ପ୍ରୋଟିନ୍ ଏବଂ ପୋଷାକତ୍ତ୍ୱ ଧାରଣ କରିଥାଏ । ଜଳଜୀବମାନଙ୍କ ଖାଦ୍ୟରେ ପ୍ରୋଟିନ୍‌ର ପରିମାଣ ମୁଖ୍ୟତଃ ଅମିନୋଆସିଡ଼୍‌ର ପରିମାଣ ଉପରେ ନିର୍ଭର କରିଥାଏ । ଏହି ବାୟୋଫ୍ଲୋକ ପ୍ରଯୁକ୍ତିବିଦ୍ୟା ଦେଖାଏ ଯେ ଜଳଜୀବ ବିଜ୍ଞାନ ଉତ୍ପାଦନ ବୃଦ୍ଧିହେବା ସହିତ ପରିବେଶ ଉପରେ ପଡୁଥିବା ଅନାବଶ୍ୟକ ବ୍ୟବସ୍ଥାର ହ୍ରାସ ଘଟେ । ବୟୋଫ୍ଲୋକରେ ଥିବା ପୋଷକତ୍ତ୍ୱ ମୁଖ୍ୟତଃ ଚିଙ୍ଗୁଡ଼ିମାନଙ୍କର ପ୍ରଧାନ ଖାଦ୍ୟ ଭାବେ ବ୍ୟବହୃତ ହୁଏ । ଏକ ପୋଷକତ୍ତ୍ୱ ସର୍ଭେରୁ ଜଣାପଡ଼ିଛି ଯେ ବାୟୋଫ୍ଲୋକରେ ୧୨୦ ଗ୍ରାମ/କେଜି ପ୍ରୋଟିନ୍ ଏବଂ ପ୍ୟାଟିଆସିଡ଼୍ ୨୦ ଗ୍ରାମ/କେଜି ଥାଏ । ବୟୋଫ୍ଲୋକ ମୁଖ୍ୟତଃ ୨୯.୧% ନାଇଟ୍ରୋଜେନ ୩୯.୨% ଜୀବାଶ୍ମ ଏବଂ ୮.୩% ଫାଇବର, ୪.୭% ଫାଟିଆସିଡ଼୍ ଧାରଣ କରିଥାଏ । ଜୀବାଶ୍ମର ପରିମାଣ ଯେତେ ବୃଦ୍ଧି ପାଇଥାଏ ସାମୁଦ୍ରିକ ଚିଙ୍ଗୁଡ଼ିମାନଙ୍କର ବୃଦ୍ଧି ସେତେ ହୋଇଥାଏ । ୨୦ଟି ଆମିନୋଆସିଡ଼୍ ମଧ୍ୟରୁ ବାୟୋଫ୍ଲୋକ ମୁଖ୍ୟତଃ ୪ଟି ଫ୍ୟାଟିଆସିଡ଼୍‌କୁ ଗ୍ରହଣ କରିଥାଏ । ସେଗୁଡ଼ିକ ହେଉଛି ପଲମିଟିକ୍ ଏସିଡ଼୍, ଲିନୋଲେଇକ ଏସିଡ଼୍, ଓରେଇକ ଏସିଡ଼୍ ।

ମତ୍ସ୍ୟବିଜ୍ଞାନ,
ଏମ.ଏସ୍. ସ୍ୱାମୀନାଥନ କୃଷି
ବିଶ୍ୱ ବିଦ୍ୟାଳୟ,
ପାରଳାଖେମୁଣ୍ଡି
ମୋ- ୭୯୭୮୧୯୬୮୩୪

## ହାଇଡ୍ରୋପନିକ୍ସ : ଅମଳ ଓ ଆତ୍ମନିର୍ଭରଶୀଳର ନୂଆ ସୋପାନ



ଆଜିକାଲିର ଯୁବଗୋଷ୍ଠୀ ଚାଷ କାର୍ଯ୍ୟ ପାଇଁ ବିମୁଖ। କିନ୍ତୁ ଯଦି କମ ସମୟରେ ଅଧିକ ଅମଳ କରିହେବାର କିଛି ଉପାୟ ଆସେ , ତେବେ ସେଥିପାଇଁ ସମସ୍ତେ ବ୍ୟଗ୍ର ହୋଇଉଠନ୍ତି। ଠିକ୍ ସେମିତି କୃଷି କ୍ଷେତ୍ରରେ ଏକ ଅଭିନବ ଉପାୟ ହାଇନ୍ରୋଫନିକ୍ସ। ବିନା ମାଟିରେ ଫସଲ ଉତ୍ପାଦନ କରିବାର ଏକ ନିଆରା ଉପାୟ। ପୋଷକତତ୍ତ୍ୱକୁ ସିଧାସଳଖ ଗଛରେ ପ୍ରୟୋଗ କରାଯାଏ। ଯାହା ଫଳରେ ଚେର ଆବଶ୍ୟକୀୟ ପୋଷକତତ୍ତ୍ୱକୁ ଗ୍ରହଣ କରିପାରେ। ଅଧିକାଂଶ ସ୍ଥାନରେ ଏହାକୁ ଯୁବବର୍ଗ ବି ଆପଣେଇଲେଣି । ସେଂଚୁରିଆନ କୃଷି ବିଶ୍ୱବିଦ୍ୟାଳୟ ପାରଳାଖେମୁଣ୍ଡିରେ ଆରମ୍ଭ ହୋଇଛି ଏହି ହାଇଡ୍ରୋଫନିକ୍ସ ଫାର୍ମ। ପାଳଙ୍ଗ , ଟମାଟୋ, ବନ୍ଧାକୋବି ପରି ପରିବା ଉତ୍ପାଦନ କରି ଏହା ଏବେ ବେଶ ଚର୍ଚ୍ଚାରେ।



## ଚିନାବାଦାମ ଫସଲରେ ଗଳାପଚା ରୋଗ ବ୍ୟାପୁଥିଲେ ସମାଧାନ :

ବିହନ ଜମିରେ ବୁଣିବା ପୂର୍ବରୁ ବିହନକୁ କବକ ନାଶକ ୩ ଗ୍ରାମ ଥିରାମ କିମ୍ବା ୧.୫ ଗ୍ରାମ କାରବେଣ୍ଡଜୀମ ପ୍ରତି ଏକ କେ.ଜି ବିହନ ହିସାବରେ ମିଶାଇ ବିଶୋଧନ କରନ୍ତୁ ।

* ଜମିରେ ୧.୫ ଗ୍ରାମ କାରବେଣ୍ଡାଜୀମ କିମ୍ବା ୩.୫ ଗ୍ରାମ ମାନକୋଜଏ ପ୍ରତି ଲିଟର ପାଣିରେ ମିଶାଇ 'ସଲର ମୂଳ ଅଂଶରେ ଓ ମୂଳ ପାଖରେ ଥିବା ମାଟିରେ ସିଞ୍ଚନ କରନ୍ତୁ ।
* ଗଛ ଚାରା ଅବସ୍ଥାରେ ଥିବା ସମୟରେ ଜଳସେଚନ ନିୟନ୍ତ୍ରଣ କରନ୍ତୁ ।

## ଧାନରେ ମହିସା ରୋଗ ବ୍ୟାପୁଥିଲେ ସମାଧାନ

ଧାନ ବିହନକୁ ପ୍ରଥମେ ଥିରାମରେ ବୁଡ଼େଇ ରଖାଯିବା ଦରକାର ।

- ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କରିବା ବନ୍ଦ କରିବା ।
-ଏହି ରୋଗ ପ୍ରତିରୋଧ କ୍ଷମ କିସମ ବ୍ୟବହାର କରିବା ।
- କିଆରୀରେ ଥିବା ଅନାବନା ଘାସକୁ ଉପାଡ଼ିଦେବା ଆବଶ୍ୟକ ।

## ପଂଚଗବ୍ୟର ପ୍ରସ୍ତୁତି :

ଆବଶ୍ୟକ ସାମଗ୍ରୀ- ଗୋବର, ଗୋମୂତ୍ର, ଦୁଗ୍ଧ, ଦଧି, ଘିଅ, ଗୁଡ଼, ପଚିଲା କଦଳୀ, ନଡ଼ିଆପାଣି ଏବଂ ପାଣି ।

ପ୍ରଣାଳୀ :

୭ କି.ଗ୍ରା ଗୋବରରେ ୧ କି.ଗ୍ରା ଗାଈ ଘିଅକୁ ସକାଳ କିମ୍ବା ସନ୍ଧ୍ୟା ସମୟରେ ଭଲଭାବେ ମିଶାଯାଇ ତାହାକୁ ୩ ଦିନ ପର୍ଯ୍ୟନ୍ତ ରଖାଯାଏ । ରଖିବା ପାଇଁ ମାଟିପାତ୍ର କିମ୍ବା ଟିଣ ପାତ୍ର କିମ୍ବା ପ୍ଲାଷ୍ଟିକ ପାତ୍ର ମଧ୍ୟ ବ୍ୟବହାର କରାଯାଇ ପାରିବ । ୩ ଦିନ ପରେ ସେଥିରେ ୧୦ ଲିଟର ଗୋମୂତ୍ର ଓ ୧୦ ଲିଟର ପାଣି ମିଶାଇ ୧୫ ଦିନ ପର୍ଯ୍ୟନ୍ତ ରଖାଯାଇଥାଏ । ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ଏହାକୁ ଭଲଭାବରେ ଘାଣ୍ଟି ଦିଆଯାଏ । ୧୫ ଦିନ ପରେ ଏଥିରେ ଗୋ-ଦୁଗ୍ଧ ୩ ଲିଟର, ଦଧି ୩ ଲିଟର, ନଡ଼ିଆ ପାଣି ୩ ଲିଟର ଓ ଗୁଡ଼ ୩ କେ.ଜି. ଏବଂ ପଚିଲା କଦଳୀ ୧୨ଟି ଭଲଭାବରେ ମିଶାଯାଇ ୩୦ ଦିନ ପର୍ଯ୍ୟନ୍ତ ରଖାଯାଏ । ୩୦ ଦିନ ପର୍ଯ୍ୟନ୍ତ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଏହାକୁ ଭଲ ଭାବରେ ଘାଣ୍ଟି ଦିଆଯାଇଥାଏ । ପଞ୍ଚଗବ୍ୟ ପ୍ରସ୍ତୁତି ପାଇଁ କେବଳ ଗୋଜାତ ଦ୍ରବ୍ୟ ହିଁ ବ୍ୟବହୃତ ହୋଇଥାଏ । ଜର୍ସିଗାଈ ଅପେକ୍ଷା ଦେଶୀଗାଈର ଜାତ ପଦାର୍ଥ ବ୍ୟବହାର କରାଗଲେ ଅଧିକ ସୁଫଳ ମିଳିଥାଏ ।

## ଡାଲିଜାତୀୟ ଫସଲର ମୁଖ୍ୟ ରୋଗ ଓ ତାର ପ୍ରତିକାର

ଓଡ଼ିଶାର ଚାଷ କରାଯାଉଥିବା ମୁଖ୍ୟ ଡାଲି ଜାତୀୟ ଫସଲ ମାନଙ୍କ ମଧ୍ୟରେ ହରଡ଼, ମୁଗ, ବିରି, ବୁଟ, ମଟର, କୋଳଥ, ମସୁର ଅନ୍ୟତମ ।

ଡାଲି ଜାତୀୟ ଫସଲରେ ହେଉଥିବା ମୁଖ୍ୟ ରୋଗ ମାନଙ୍କ ମଧ୍ୟରେ ଝାଉଁଳା ରୋଗ, ପାଉଁଶିଆ ରୋଗ, କଳଙ୍କି ରୋଗ, ସାହେବୀ ରୋଗ ଆଦି ଅନ୍ୟତମ ।

**ଝାଉଁଳା ରୋଗ :**

ଏହା ଏକ କବକ ଜନିତ ରୋଗ । ଏହା ହରଡ଼ ଓ ବୁଟ ଫସଲର ମୁଖ୍ୟ ରୋଗ ଅଟେ । ଏହି ରୋଗର ପ୍ରଥମ ଅବସ୍ଥାରେ ଗଛରୁ ପତ୍ର ଗୁଡ଼ିକ ହଳଦିଆ ପଡ଼ିବା ଆରମ୍ଭ କରେ ଏବଂ ଶେଷରେ ସମ୍ପୂର୍ଣ୍ଣ ଝାଉଁଳି ପଡ଼ି ମରିଯାଏ । ଆକ୍ରାନ୍ତ ଗଛର କାଣ୍ଡକୁ କାଟି ଦେଖିଲେ କାଣ୍ଡର ଭିତର ଅଂଶରେ କଳା ଗାର ଗାର ଦାଗ ଦେଖାଯାଏ ।

ପ୍ରତିକାର :

- ହରଡ଼ ଫସଲର ଝାଉଁଳା ରୋଗରୁ ରକ୍ଷା ପାଇବା ପାଇଁ ସୋରଗମ୍ ସହ ମିଶ୍ରିତ ଚାଷ କରନ୍ତୁ ।
- ଖରାଟିଆ ଗଭୀର ଚାଷ କରନ୍ତୁ ।
- ରୋଗ ପୋକ ନିରୋଧକ ଓ ସହନଶୀଳ ବିହନ କର୍ବାଚନ କରନ୍ତୁ ।
- ବିହନ ବୁଣିବା ପୂର୍ବରୁ ବିହନକୁ କୀଟନାଶକ କାର୍ବେଣ୍ଡାଜିମ୍ କିମ୍ବା ଥିରାମ ୩ ଗ୍ରାମ ପ୍ରତି ଏକ କେ.ଜି ବିହନ ହିସାବରେ ମିଶାଇ ବିଶୋଧନ କରନ୍ତୁ । କିମ୍ବା ଜୈବ ବିଶୋଧକ ଟ୍ରାଇକୋଡ଼ର୍ମା ୪ ଗ୍ରାମ ପ୍ରତି କେ.ଜି ବିହନ ହିସାବରେ ମିଶାଇ ବିଶୋଧନ କରନ୍ତୁ ।
- ଜମିରେ ରୋଗ ଦମନ ନିମନ୍ତେ ଏକର ପ୍ରତି ୩୦୦ ଗ୍ରାମ କାର୍ବେଣ୍ଡାଜିମ ୨୦୦ ଲିଟର ପାଣିରେ ମିଶାଇ ଗଛ ମୂଳରେ ସିଂଚନ କରନ୍ତୁ ।

ଅଭିନନ୍ଦିତା ସାହୁ





**ପାଉଁଶିଆ ରୋଗ :**

ଏହା ଏକ କବକ ଜନିତ ରୋଗ । ଏହା ମୁଗ ଓ ବିରି ଫସଲର ଏକ ମୁଖ୍ୟ ରୋଗ । ଏହି ରୋଗର ପତ୍ର ଉପରେ ଧଳା ପାଉଁଶ ରଙ୍ଗର କବକ ମାଡ଼ିଯାଏ । ଫଳରେ ପତ୍ର ଶୁଖିଯାଏ ।

**ପ୍ରତିକାର :**

- ସହନଶୀଳ ବିହନ ବ୍ୟବହାର କରନ୍ତୁ ।
- ଏକ ଏକର ପ୍ରତି ୧ କିଗ୍ରା ସଲଫର କିମ୍ବା ୩୦୦ ଗ୍ରମେ କାର୍ବେଣ୍ଡାଜିମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

ସହପ୍ରାଧାପିକା, ଏମ୍.ଏସ୍ ସ୍ୱାମୀନାଥନ କୃଷି ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି
ମୋ-୭୮୯୪୯୧୧୮୩୦




# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତରଫରୁ ଅନୁଷ୍ଠିତ ସଂଘ ଶିକ୍ଷାବର୍ଗ ଦ୍ୱିତୀୟ ବର୍ଷ ଉଦ୍‌ଯାପିତ



ଭୁବନେଶ୍ୱର (ପିଏନ୍): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତରଫରୁ ଦୀର୍ଘ ୨୦ ଦିନ ଧରି ମେ ୧୫ ତାରିଖରୁ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ଦ୍ୱିତୀୟ ବର୍ଷ ସଂଘ ଶିକ୍ଷାବର୍ଗ ଗତ ଶନିବାର ଦିନ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଶିକ୍ଷାର୍ଥୀମାନେ ପ୍ରଶିକ୍ଷଣ ନେଇଥିବା ଯୋଗ, ଆସନ, ସାମୁହିକ ସୂର୍ଯ୍ୟନମସ୍କାର, ଦଣ୍ଡ ଆଦି ବିଭିନ୍ନ କଳାକୌଶଳ, ପ୍ରଦର୍ଶନ କରିଥିଲେ । ଏହି ଉଦ୍‌ଯପାନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସ୍ନାତକୋତର ଧର୍ମଶାସ୍ତ୍ର ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ବ୍ରଜକିଶୋର ସ୍ୱାଇଁ କହିଲେ ଯେ, ଆରଏସ୍‌ଏସ୍‌ର ଏହି କାର୍ଯ୍ୟକ୍ରମକୁ ଆସି ଏକ ଆନୁଷ୍ଠାନିକ ଶୃଙ୍ଖଳାର ନିଦର୍ଶନ ପାଇଲି । ବ୍ୟକ୍ତିଗତ ଜୀବନର ଶୃଙ୍ଖଳାକୁ ଆନୁଷ୍ଠାନିକ ଶୃଙ୍ଖଳାରେ ରୂପାନ୍ତରିତ କରିବା ଆରଏସ୍‌ଏସ୍‌ର ଏକ ନୀତିଗତ କାର୍ଯ୍ୟ । ଭାରତବର୍ଷରେ ବ୍ୟକ୍ତିଗତ ଶୃଙ୍ଖଳା ନୈରାଶ୍ୟ ଦର୍ଶନ ହୋଇଥିବାରୁ ଏହା ଆନୁଷ୍ଠାନିକ ଶୃଙ୍ଖଳାକୁ ପ୍ରଭାବିତ କରୁଛି । ଏକରେ ଆନୁଷ୍ଠାନିକ ଶୃଙ୍ଖଳା ବ୍ୟାହତ ହେଉଛି । କିନ୍ତୁ ଓଡିଶାର ରାଜଧାନୀ ଭୁବନେଶ୍ୱରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଏକ ବ୍ୟତିକ୍ରମ । ଏଥିରେ ବ୍ୟକ୍ତିଗତ ଓ ସାମୁହିକ ଶୃଙ୍ଖଳା ଏକ ଓ ଅନନ୍ୟ । ମୁଁ ଅନୁଭବ କରୁଛି ଏହା ଏକ ମହନୀୟ କାର୍ଯ୍ୟ । ଶୃଙ୍ଖଳାର ଏହି ସମନ୍ୱିତ ବିଭାଗକୁ ସବୁସ୍ତରରେ ଓ କ୍ଷେତ୍ରରେ ସହଯୋଗ କଲେ ଜୀବନ ଓ ରାଷ୍ଟ୍ରର ଆଭିମୁଖ୍ୟ ସମାନ୍ତରାଳ ନହୋଇ ସମନ୍ୱିତ ହେବ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ବକ୍ଷେତ୍ର କାର୍ଯ୍ୟବାହ ଡ. ଗୋପାଳ ପ୍ରସାଦ ମହାପାତ୍ର ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୂପେ ଯୋଗଦାନ କରି କହିଲେ ଯେ, ପ୍ରତ୍ୟେକ ରାଷ୍ଟ୍ର ତାର ସ୍ୱାଭିମାନର ଆଧାରରେ ବଂଚି ରହିଛି । ସ୍ୱାଭିମାନବିହୀନ ରାଷ୍ଟ୍ରର କୌଣସି ଅସ୍ତିତ୍ୱ ନଥାଏ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଆଜିକୁ ୯୭ ବର୍ଷ ଧରି ଭାରତୀୟ ସ୍ୱାଭିମାନର ଜାଗରଣର କାର୍ଯ୍ୟ କରିଆସୁଛି । କାରଣ ପ୍ରତ୍ୟେକ ରାଷ୍ଟ୍ର ତାର 'ସ୍ୱ'ର ଆଧାରରେ ପ୍ରତିଷ୍ଠିତ ହୋଇଥାଏ । ତେଣୁ ଭାରତବର୍ଷକୁ ବିଶ୍ୱଗୁରୁ ପଦବୀରେ ଅଧିଷ୍ଠିତ କରାଇବାକୁ ହେଲେ ଭାରତୀୟ 'ସ୍ୱ'ର ଆଧାରରେ ରାଷ୍ଟ୍ରର ପରମବୈଭବଶାଳୀ ସ୍ୱରୂପ ନିର୍ମାଣ କରିବାକୁ ହେବ । ତଦ୍ୱାରା ବିଶ୍ୱ କଲ୍ୟାଣର ମାର୍ଗ ପ୍ରଶସ୍ତ ହେବ । ଏଣୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଏକମାତ୍ର କାର୍ଯ୍ୟ ରାଷ୍ଟ୍ରୀୟ 'ସ୍ୱ'ର ଜାଗରଣ । ଏହି କାର୍ଯ୍ୟରେ ସମସ୍ତେ ସମ୍ମିଳିତ ହୋଇ ସକ୍ରିୟ ସହଯୋଗ ପ୍ରଦାନ କରିବାକୁ ଡ. ମହାପାତ୍ର ନିବେଦନ କରିଥିଲେ । ସ୍ଥାନୀୟ ଉତ୍କଳ ବିପନ୍ନ ସହାୟତା ସମିତି ପରିସରରେ ଅନୁଷ୍ଠିତ ହେଉଥିବା ଏହି ସଂଘ ଶିକ୍ଷାବର୍ଗର ଶିକ୍ଷାର୍ଥୀମାନଙ୍କୁ ନେଇ ଏକ ଭବ୍ୟ ପଥ ସଂଚଳନ ଜୁନ ୧ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିରରେ ସାରା ଓଡିଶାରୁ ୮୦ ଜଣ ଶିକ୍ଷାର୍ଥୀଙ୍କ ସମେତ ୪୦ ଜଣ ଶିକ୍ଷକ ଓ ପ୍ରବନ୍ଧକ ଏହିଭଳି ୧୨୦ଜଣ ଯୋଗଦେଇଛନ୍ତି । ପ୍ରତ୍ୟେକ ଶିକ୍ଷାର୍ଥୀ ନିଜ ହାତରୁ ୮ଶହ ଟଙ୍କା ଶୁଳ୍କ ପ୍ରଦାନ କରି ୨୦ଦିନ ଧରି ଏହି ଶିବିରରେ ବିଭିନ୍ନ ଶାରୀରିକ ଓ ବୌଦ୍ଧିକ କାର୍ଯ୍ୟକ୍ରମର ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି । ଏହି ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଡାକ୍ତର, ଇଂଜିନିୟର, ଅଧ୍ୟାପକ, ବ୍ୟାଙ୍କ କର୍ମଚାରୀ, ଶିକ୍ଷକ, ସ୍ନାତକ ଓ ସ୍ନାତକୋତର ଛାତ୍ର, ବ୍ୟବସାୟୀ ଓ କୃଷକ ଉପସ୍ଥିତ ଥିଲେ । ପ୍ରତ୍ୟହ ସକାଳ ୪.୩୦ମି. ସମୟରେ ପ୍ରାତଃ ଜାଗରଣ ପରେ ରାତ୍ରୀ ୧୦ଟା ପର୍ଯ୍ୟନ୍ତ ସ୍ୱୟଂସେବକ ମାନେ ବିଭିନ୍ନ ଶାରିରୀକ ଓ ବୌଦ୍ଧିକ କାର୍ଯ୍ୟକ୍ରମର ଅଭ୍ୟାସ କରୁଥିଲେ । ସଂଘ ଶିକ୍ଷାବର୍ଗର ସମାରୋପ ଉତ୍ସବରେ ମଂଚାସୀନ ଥିବା ଶିକ୍ଷାବର୍ଗର ସର୍ବାଧିକାରୀ ମନୋରଂଜନ ସାହୁ ଅଧ୍ୟକ୍ଷତା କରିବା ସହ ବର୍ଗର ବିବରଣୀ ପାଠ କରିଥିଲେ । ବର୍ଗର କାର୍ଯ୍ୟବାହ ବେଲେଶ୍ୱର ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶାସ୍ତ୍ରୀୟ ପରମ୍ପରା ଉଲଙ୍ଘନ କରି ରଥ ନିର୍ମାଣକୁ ବଳଦେବ ସେନାର ବିରୋଧ



କେନ୍ଦ୍ରାପଡ଼ା (ପିଏନ୍): ଶାସ୍ତ୍ରୀୟ ପରମ୍ପରା, ଶିଳ୍ପଶାସ୍ତ୍ର ଓ ଧର୍ମାଚାର୍ଯ୍ୟମାନଙ୍କ ବିନା ଅନୁମତିରେ କେତେକ ସ୍ଥାନରେ ମନଇଚ୍ଛା ରଥ ନିର୍ମାଣ କରାଯାଉଥିବା ଘଟଣାକୁ କେନ୍ଦ୍ରାପଡା ବଳଦେବ ସେନା ପକ୍ଷରୁ ତୀବ୍ର ବିରୋଧ କରାଯାଇଛି । ଏନେଇ ସେନାର କର୍ମକର୍ତ୍ତାମାନଙ୍କ ପକ୍ଷରୁ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ, ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି ଓ ପୁରୀ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇ ଏହାଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ଏଠାରେ ସୂଚନାଯୋଗ୍ୟ ଯେ କେଉଁଝରର ଶ୍ରୀବଳଦେବଜୀୟୁଙ୍କ ରଥର ନାମ ନନ୍ଦିଘୋଷ ଦିଆଯାଇ ଏହାର ଉଚ୍ଚତାକୁ ୭୨ ଫୁଟ କରାଯାଇଛି । ଗିନିଚ ବୁକ ଅଫ ରେକର୍ଡରେ ନାମ ପଞ୍ଜିକରଣ କରିବା ଉଦ୍ଦେଶ୍ୟରେ ଶାସ୍ତ୍ରୀୟ ପରମ୍ପରାକୁ ଉଲଙ୍ଘନ କରାଯାଇ ଏପରି କରାଯାଇଥିବା ସେନା ପକ୍ଷରୁ ଅଭିଯୋଗ କରାଯାଇଛି । ପୂର୍ବରୁ କେଉଁଝର ରାଜାଙ୍କ ସମୟରେ ରଥର ଉଚ୍ଚତା ୪୩ ଫୁଟ ଥିବାବେଳେ ପରବର୍ତ୍ତୀ ଅବସ୍ଥାରେ ତାହାର ଉଚ୍ଚତାକୁ ୬୦ଫୁଟକୁ ବଢାଯାଇଥିଲା । ଯାହାକି ୨୦୧୬ ମସିହା ପର୍ଯ୍ୟନ୍ତ ସେହି ଉଚ୍ଚତା ରହିଥିଲା । ସର୍ବତ୍ର ଶ୍ରୀବଳଦେବଜୀୟୁଙ୍କ ରଥର ନାମ ତାଳଧ୍ୱଜ ଥିବା ବେଳେ କେଉଁଝର ଶ୍ରୀବଳଦେବଜୀୟୁଙ୍କ ରଥର ନାମକୁ ନନ୍ଦିଘୋଷ କରାଯାଇ ଧାର୍ମିକ ବ୍ୟାପାରରେ ହସ୍ତକ୍ଷେପ କରାଯାଇଥିବା ଅଭିଯୋଗ ହୋଇଛି । ଏଭଳି ମନଇଚ୍ଛା ନାମକରଣ ଓ ରଥର ଉଚ୍ଚତା ବୃଦ୍ଧି ଘଟଣା ଜଗନ୍ନାଥ ସଂସ୍କୃତି ଓ ଶ୍ରୀଜଗନ୍ନାଥଙ୍କ ପରମ୍ପରାର ବ୍ୟତିକ୍ରମ କରାଯାଉଥିବା ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବଳଦେବ ସେନାର ଉପଦେଷ୍ଟା ନିରଞ୍ଜନ ମେକାପ, ସଭାପତି ପୁପୁନ କୁମାର ସ୍ୱାଇଁ, ସମ୍ପାଦକ ଅମର କୁମାର ବାରିକ, ଅଭିଷେକ କର, ନିରଞ୍ଜନ ସ୍ୱାଇଁ, ଉମେଶ ବେହେରା, ରାକେଶ ବେହେରା, ଶାରଦା ପ୍ରସାଦ ରାଉତ ପ୍ରମୁଖ ଦାବି କରିଛନ୍ତି ।

## ବିଜେପି ନେତା ସଲିମ ଖାନ ୩ ଜିଲ୍ଲାର ପ୍ରଭାରୀ ନିଯୁକ୍ତ

କେନ୍ଦ୍ରାପଡା (ପିଏନ୍): ରାଜ୍ୟ ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚାର ଉପସଭାପତି ମହମ୍ମଦ ସଲିମ ଖାନଙ୍କୁ ବିଜେପିର ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ସଂଖ୍ୟାଲଘୁ ମୋର୍ଚ୍ଚା ରାଜ୍ୟ ସଭାପତି ସିକନ୍ଦର ଅଲ୍ଲି ୩ଟି ଜିଲ୍ଲାର ପ୍ରଭାରୀ ଭାବେ ନିଯୁକ୍ତ କରିଛନ୍ତି । ଶ୍ରୀ ଖାନଙ୍କୁ ଯାଜପୁର, ଜଗତସିଂପୁର ଓ କଟକ ସଦରର ପ୍ରଭାରୀ ଦାୟିତ୍ୱ ଅର୍ପଣ କରାଯାଇଛି । ଦଳ ପକ୍ଷରୁ ତାଙ୍କୁ ଯେତେବେଳେ ଯେଉଁ ଦାୟିତ୍ୱ ଦିଆଯାଇଛି ସେ ତାକୁ ନିଷ୍ଠାର ସହିତ ନିଭାଇ ଥିବା କହିଛନ୍ତି ସଲିମ । ଏହି ଗୁରୁ ଦାୟିତ୍ୱ ବହନ କରି ବିଜେପିକୁ ସୁଦୃଢ କରିବାପାଇଁ କାର୍ଯ୍ୟ କରିବେ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏହି ଦାୟିତ୍ୱ ମିଳିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ଶୁଅ ଛୁଟିଥିବା ଦେଖାଯାଇଛି।

# ଶାନ୍ତିର ମାର୍ଗ



ଆଜି ସମସ୍ତେ ଖୋଜି ବୋଲୁଛନ୍ତି ଜୀବନ, ଅଶାନ୍ତ କର୍ମମୟ ଜୀବନ, ପୃଥିବୀରେ ଶାନ୍ତି ପାଇଁ ସମସ୍ତେ ଗୋଟିଏ ଛୋଟିଆ ଆଲୋଚନା ଅହଂକାର ଓ ଅଜ୍ଞାନଭାବ ସମ୍ପନ୍ନ, ଶେଷରେ ସେମାନେ କ୍ଷତିଗ୍ରସ୍ତ ହୁଅନ୍ତି। ହେଉଛି ଶାନ୍ତି। ଶାନ୍ତି ବିନା ଜୀବନର ହେଉ ବା ଅନ୍ୟ କୌଣସି ମାର୍ଗରେ ପଡ଼ିବ। କୋଇଲିର ମଧୁର ଗାନ ଦେଖି ବତକ ଖୁସି ହୋଇନପାରେ। ଭାସିଯିବା ଶେଷରେ ନିଜର ନିଜତ୍ୱ

ଧର୍ମରାଜ ରାଜା ମାନଙ୍କ ରାଜା ବ୍ୟକ୍ତି ଥିଲେ ଓ ସମସ୍ତ ସଦ୍‌ଗୁଣର

ଶାନ୍ତି କାହିଁ ? ଅଶାନ୍ତ ମାନବ ସଂସାର ଜୀବନ ସହ ଅଶାନ୍ତ ବ୍ୟାକୁଳ। ଆସନ୍ତୁ ତା ଉପରେ ରଖିବା। ଯେଉଁମାନେ ଈର୍ଷା, ସେମାନେ ମାର୍ଗରୁ ଅପସରି ଯାଆନ୍ତି। ମଣିଷର ସର୍ବାଧିକ ପ୍ରୟୋଜନ ନିରର୍ଥକ। ପ୍ରଗାଢ଼ ଉଦ୍ୟମ ମାଧ୍ୟମରେ ହେଉ ଶାନ୍ତି ଭାବର ସୁରକ୍ଷା କରିବାକୁ କାଉକୁ ଭଲ ଲାଗି ନପାରେ ହଂସକୁ ଆମେ ଯଦି ଆମ ଖିଆଲ ଦ୍ୱାରା ହରାଇ ବସିବା।

ଥିଲେ। ସେ ଜଣେ ଶକ୍ତିଶାଳୀ ସାକାର ପ୍ରତିମୂର୍ତ୍ତି ଥିଲେ। ତାଙ୍କ ଚାରିଭାଇମାନେ ପ୍ରତ୍ୟେକେ ବଳଶାଳୀ ଓ ପରାକ୍ରମୀ ଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କୁ ନିଜର ପ୍ରଭୁ ଜ୍ଞାନ କରି ଧର୍ମରାଜ ସାଧନା କରୁଥିଲେ। ପାଣ୍ଡବମାନଙ୍କ ଏତେ ସବୁ ଥାଇ ମଧ୍ୟ କ'ଣ ହେଲା? ଅଧିକରୁ ଅଧିକ ଦୁଃଖ ଯାତନା ଭୋଗିଲେ ସେମାନେ। କୌରବମାନେ ତାଙ୍କ ସ୍ତ୍ରୀଙ୍କୁ ଅବମାନନା କଲେ, ତାଙ୍କୁ ଅରଣ୍ୟକୁ ପଠାଇ ଦେଲେ। ଏ ସବୁ ସତ୍ତ୍ୱେ ଧର୍ମରାଜଙ୍କର ଶାନ୍ତଭାବ ଯୋଗୁଁ ସେମାନେ ସବୁ କିଛି ଫେରି ପାଇଲେ। ସେ ଘୋଷଣା କରି କହିଲେ, 'ଶାନ୍ତି ଆମର ଧର୍ମ, ଶାନ୍ତି ଦ୍ୱାରା ଆମେ ସବୁକିଛି ପାଇ ପାରିବା। ଦୁରାବସ୍ଥାରେ ପଡ଼ି, ଘୃଣା ଓ ଉତ୍ତେଜନା ଦ୍ୱାରା ଆମେ ଶାନ୍ତିରକ୍ଷା କରି ପାରିବା ନାହିଁ। ବରଂ ତଦ୍ୱାରା ଆମେ ସମାଜର କ୍ଷତି କରିବା।' ବାସ୍ତବିକ ଆଜିର ଦୁନିଆ ଏଇ ଶାନ୍ତି ଭାବ ଟିକକ ହରାଇ ବସିଛି। ସେଥିଲାଗି ସର୍ବତ୍ର ଗଣ୍ଡଗୋଳ। ଦୁର୍ଭିକ୍ଷ ଭୟ, ଯୁଦ୍ଧ ଭୟ, ଜାତି, ଧର୍ମ ଓ ବର୍ଣ୍ଣଗତ ସମସ୍ୟା ସର୍ବତ୍ର ପ୍ରବଳ। କ୍ଷମତା ଲୋଭ, ସ୍ୱାର୍ଥପର ଚିନ୍ତା ଓ ଆନ୍ଦୋଳନାତ୍ମକ ମାର୍ଗରେ ଛାତ୍ରମାନେ ପ୍ରବାହିତ। ଏ ସବୁର କାରଣ କ'ଣ? ଏହାର କାରଣ ଆମେ ଆମ ନିଜର ସ୍ୱଭାବ ଶାନ୍ତିକୁ ଉପଲବ୍ଧି କରିବାକୁ ଅସମର୍ଥ।

ତେବେ ସେ ଶାନ୍ତିଟି କ'ଣ? ସେ ଗୋଟିଏ ନିର୍ମଳ ପ୍ରେମ ସମ୍ଭୁତ ଗୋଟିଏ ସୁରଭିତ କଳିକା। ସତକର୍ମ ଫଳ ପ୍ରସୂତ ଏକ ସୌରଭ। ପୂର୍ବ ପୂଣ୍ୟ ଲବ୍ଧ। ଏହି ଅମୂଲ୍ୟ ଶାନ୍ତ ଭାବ ହରାଇଲେ ଆମେ ସବୁକିଛି ହରାଇବା। ପୁରାକାଳରୁ ମୁନିଋଷିମାନେ ଶାନ୍ତିର ମହତ୍ୱ ଘୋଷଣା କରି ଆସୁଛନ୍ତି। ଯେତେ ଉପହସିତ ହେଲେ ସୁଦ୍ଧା, ଅନେକ ଯୋଜନା ଭୋଗିଲେ ମଧ୍ୟ ସେମାନେ ତାଙ୍କର ଶାନ୍ତି ଅବ୍ୟାହତ ରଖି ଆସିଛନ୍ତି। ଏହି ପ୍ରାଥମିକ ବସ୍ତୁଟି ମଣିଷ ରକ୍ଷା କରିବା ଦରକାର। ବ୍ୟସ୍ତ ବିବ୍ରତ ହୋଇ ପଡ଼ିଲେ ଆମେ ନିଜର ପରିଚୟ ମଧ୍ୟ ହରାଇ ବସିବା। ମଣିଷ ହିସାବରେ ମଣିଷ ସମାଜରେ ମଣିଷର ଦାୟାଦ ହୋଇ ଜନ୍ମ ଲାଭ କରି ଯଦି ଆମେ ଯଦି ମଣିଷର ଗୁଣ ପ୍ରଦର୍ଶନ ନକରିବା ତେବେ ସେ ମାନବ ଜନ୍ମର ମୂଲ୍ୟ କ'ଣ ? ଶାନ୍ତି ଜୀବନକୁ ସୁରଭିତ କରେ। ଗୋଟିଏ କୁରାଢ଼ି ନେଇ ଚନ୍ଦନ ଗଛକୁ ହାଣିଲେ ଗଛ ସେଥିରେ ପ୍ରତିବାଦ କରେନାହିଁ ବରଂ କୁରାଢ଼ିକୁ ତାର ସୁଗନ୍ଧ ଦେଇଥାଏ। ଧୂପ କାଠିଟିରେ ଅଗ୍ନି ସଂଯୋଗ କଲେ ସେ ବିନା ବାଧାରେ ସୁଗନ୍ଧ ଖେଳାଇ ଦିଏ। ସେହି ଅନୁସାରେ ପ୍ରକୃତ ଭକ୍ତ ଓ ସାଧକ କୌଣସି ପରିସ୍ଥିତିରେ ନିଜର ଶାନ୍ତି କ୍ଷୁର୍ଣ୍ଣ ହେବାକୁ ଦେବା ଉଚିତ ନୁହେଁ, ବରଂ ଚାରିଆଡ଼େ ଆନନ୍ଦ ଖେଳାଇ ଦେବା ଉଚିତ। ଏହି ମୌଳିକ ସାଧନା ମାଧ୍ୟମରେ ଶାନ୍ତି ଲାଭ ହୋଇଥାଏ। ବାହ୍ୟଜଗତରୁ ଶାନ୍ତି ଆଦୌ ମିଳିପାରିବ ନାହିଁ। ନିକଟ ସମ୍ପର୍କୀୟଙ୍କ ପାଖରୁ ମଧ୍ୟ ନୁହେଁ, କୋଠାବାଡ଼ି ସୁନାମ ଓ ଖ୍ୟାତି କେହି ଶାନ୍ତି ଦେଇପାରିବେ ନାହିଁ। ନିଜ ଅନ୍ତରରୁ ଏହା ଉଲ୍ଲସି ଉଠେ, ବାହାରୁ କୌଣସିଠାରୁ ଏହା ଉପାର୍ଜନ କରାଯାଇପାରେ ନାହିଁ।

**ଦେବଦତ୍ତ ବିଶ୍ୱାଳ**, ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ, ଦୂରଭାଷ : ୯୮୬୧୯୪୪୫୯୪, E-mail : deba1976biswal@gmail.com

# ପୂର୍ବତନ କର୍ମଚାରୀଙ୍କ ବନ୍ଧୁ ମିଳନ



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ସଦରବ୍ଲକ ସାଉଁ ଗ୍ରାମସ୍ଥ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ପରିସରରେ ପୂର୍ବତନ କର୍ମଚାରୀ ଭାସ୍କର ଚନ୍ଦ୍ର ପରିଡ଼ାଙ୍କ ଆବାହକତ୍ୱରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୯୭୫ ମସିହାରୁ ଅଦ୍ୟାବଧି କାର୍ଯ୍ୟରତ ଗୁରୁଜୀଗୁରୁମା, କାର୍ଯ୍ୟାଳୟ ସହଯୋଗୀ, ଚତୁର୍ଥଶ୍ରେଣୀ କର୍ମଚାରୀ ଉପସ୍ଥିତ ରହି ଭାବର ଆଦାନ ପ୍ରଦାନ କରିଥିଲେ। ବରେଣ୍ୟ ଅତିଥିମାନେ ପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କଠାରେ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଭା ଆରମ୍ଭରେ ପୂର୍ବତନ ଶିକ୍ଷକ ମଧୁସୁଦନ ନାୟକ ସଭାମଂଚକୁ ଆହ୍ୱାନ କରିଥିବା ବେଳେ ଚିତ୍ତରଞ୍ଜନ କର ଧନ୍ୟବାଦ ପ୍ରଦାନ କରିଥିଲେ। ସଭା ଅରମ୍ଭରେ ପୂର୍ବତନ ପ୍ରଧାନ ଶିକ୍ଷକ ବ୍ରଜେନ୍ଦ୍ରକୁମାର ପରିଡ଼ାଙ୍କ ସମେତ ଅନ୍ୟ ଦିବଂଗତ କର୍ମଚାରୀମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପଦ୍ମଲୋଚନ ପାତ୍ର, ଶଚିନ୍ଦ୍ର ମହାନ୍ତି, ମୁରଲୀଧର ସାହୁ, ଇଶ୍ୱର ଚନ୍ଦ୍ର ଖୁଣ୍ଟିଆ, ହେମବାଳା ଦାସ, ଚିନ୍ମୟୀ ପାତ୍ର, ଅଜୟ ଦାଶ, ରାଧାଶ୍ୟାମକୃଷ୍ଣ ସାହୁ, ଡମ୍ବରୁ ଧର ପରିଡ଼ା ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟର ସ୍ମୃତି ଚାରଣ କରିଥିଲେ। ବ ମାନର ରାଧାକୃଷ୍ଣ ହିନ୍ଦୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆରତକୁମାର ମନ୍ତ୍ରୀ ମଂଚ ପରିଚାଳନା କରିଥିଲେ। ଆଗାମୀ ଦିନରେ କିପରି ବିଦ୍ୟାଳୟଟି ପ୍ରାଦେଶିକ ସ୍ତରରେ ଆଦର୍ଶବିଦ୍ୟାଳୟ ହେବ ସେଥିପାଇଁ ସମସ୍ତଙ୍କର ସହଯୋଗ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପୂର୍ବତନ ଛାତ୍ର ମାନବାଧିକାର କର୍ମୀ ସୁଧାକର ସେଠୀ ନେତୃତ୍ୱରେ କ୍ରୀଡ଼ା ଶିକ୍ଷକ ମିହୀରକୁମାର ପଣ୍ଡା, ପ୍ରଦୀପ ରଥ, ପୂର୍ବତନ ଛାତ୍ର ରାଜୀବକୁମାର ନାୟକ, ପୂର୍ଣ୍ଣଚନ୍ଦ୍ର ମହଲାଙ୍କ ସହଯୋଗରେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ଓ ବିଦ୍ୟାଳୟ ପରିସରରେ ଫଳ ଓ ଔଷଧୀୟ ବୃକ୍ଷଚାରା ରୋପଣ କରାଯାଇଥିଲା।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରାସ୍ତାରେ ଚାଲିଛି ବାଲି ବ୍ୟବସାୟ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରାସ୍ତାରେ ବାଲି ଜମାକରି ବ୍ୟବସାୟ ଚାଲିଥିବା ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ସେହି ରାସ୍ତାଟି ଅତ୍ୟନ୍ତ ଅଣ ଓସରିଆ ହୋଇଥିବା ବେଳେ ଖଡିଅଙ୍ଗ ଛକ ଠାରୁ ମୁଖ୍ୟ ଚିକିତ୍ସାଳୟ ରାସ୍ତାର ଉଭୟ ପାର୍ଶ୍ୱରେ କେତେକ ବ୍ୟକ୍ତି ସରକାରୀ ରାସ୍ତାକୁ ୫-୬ ଫୁଟ ମଡାଇ ଜବର ଦଖଲ କରିବା ସହିତ ଘରର ପାହାଚ ଓ ପାଚେରୀ ପ୍ରଭୃତି ନିର୍ମାଣ କରିଛନ୍ତି । ଫଳରେ ସେହି ରାସ୍ତାରେ ଦମକଳ, ଆମ୍ବୁଲାନ୍ସ, ସରକାରୀ ଯାନ ସମେତ ଭାରୀଯାନ ଗୁଡିକ ଯାତାୟତରେ ଘୋର ସମସ୍ୟା ସୃଷ୍ଟି ହେଉଥିବା ବେଳେ ବହୁ ସମୟରେ ଏହି ରାସ୍ତାରେ ଟ୍ରାଫିକ ଯାମ ରହୁଛି । ଏବେ ମୁଖ୍ୟ ଚିକିତ୍ସାଳୟ ଛକ ନିକଟରେ ବଡ ବଡ ହାଇୱା ଗାଡିରେ ବାଲି ଜମାକରି ଟ୍ରାକ୍ଟର ସେହି ବାଲିକୁ ବିକ୍ରୀକରି କେତେକ ଲୋକ ବ୍ୟବସାୟ କରୁଛନ୍ତି । ଏହାଦ୍ୱାରା ରାସ୍ତା ଉପରେ ଟ୍ରାକ୍ଟର ଛିଡା ହୋଇ ରହୁଥିବାରୁ ଆମ୍ବୁଲାନ୍ସ ଓ ଅନ୍ୟ ଜରୁରୀ ଗାଡିଗୁଡିକରେ ରୋଗୀ ଯାତାୟାତ କରିପାରୁନାହାଁନ୍ତି । ରାସ୍ତା ଅବରୋଧ ଫଳରେ ବହୁ ସମୟରେ ସେହି ରାସ୍ତାରେ ରୋଗୀଙ୍କୁ ନେଉଥିବା ଗାଡି ଅପେକ୍ଷା କରି ରୋଗୀ ମୃତ୍ୟୁମୁଖରେ ପଡୁଛନ୍ତି । ଜିଲ୍ଲା ପ୍ରଶାସନ ଏହି ରାସ୍ତା ଅବରୋଧକୁ ତୁରନ୍ତ ହଟାଇବା ପାଇଁ ସାଧାରଣରେ ଦାବି ହୋଇଛି ।

# ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର ସମୀକ୍ଷା ବୈଠକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ପରିସରରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶଙ୍କର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ପ୍ରୋଗ୍ରାମ ଅଫିସର ସଂଯୁକ୍ତା ମିଶ୍ର, ମମତା ଯୋଜନାର ଜିଲ୍ଲା ସଂଯୋଜକ ମନୋରଞ୍ଜନ ଦାସ, ମିଶନଶକ୍ତିର ଜିଲ୍ଲା ପ୍ରକଳ୍ପ ପରିଚାଳକ କୈଳାସ ଚନ୍ଦ୍ର ସେନାପତି, ଅନିତା ବେହେରା, ଶୁଭେନ୍ଦୁ ଦାସ, ଅନିତା ସିଂହଙ୍କ ସମେତ ଜିଲ୍ଲାର ୯ଟି ବ୍ଲକର ସିଡିପିଓ ମାନେ ଉପସ୍ଥିତଥିଲେ । ବୈଠକରେ ମମତା, ମିଶନଶକ୍ତି, ପୋଷଣ, ବାଲ୍ୟ ବିବାହ, ଅଙ୍ଗନୱାଡି କେନ୍ଦ୍ର, ମହିଳା ସଶକ୍ତିକରଣ ପ୍ରଭୃତି ଯୋଜନାର କାର୍ଯ୍ୟକାରିତା ଉପରେ ସମୀକ୍ଷା କରାଯାଇଥିଲା ।

# ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀର ସାଂଗଠନିକ ସଭା

ଯାଜପୁର (ପିଏନ୍): ଦଶରଥପୁର ବ୍ଲକ ଅକରପଡ଼ା ପଞ୍ଚାୟତ ବଡ଼ଦୋଗଡ଼ା ନିକଟସ୍ଥ ବାବା ଅଭୟ ନୃସିଂହ ମନ୍ଦିର ପ୍ରାଙ୍ଗଣରେ ପୁରୀ ଗୋବର୍ଦ୍ଧନ ପୀଠ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଆଦିତ୍ୟ ବାହିନୀ ଓ ଆନନ୍ଦବାହିନୀ ପୀଠ ପରିଷଦର ସାଂଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସାଂଗଠନିକ ସଭାରେ ମୁଖ୍ୟ ଅତିଥିଭାବରେ ବିଦ୍ୟାଭୂଷଣ ଗୌର ଶ୍ୟାମାନନ୍ଦଜୀ ଦାସମହାରାଜ, ପୁରୀ, ମୁଖ୍ୟବକ୍ତା ଦକ୍ଷିଣ ବ୍ରହ୍ମବେଦୀ ଭାଗବତ ପ୍ରଚାର ସମିତିର ଅଧ୍ୟକ୍ଷ ସୁଧିର କୁମାର ପଣ୍ଡା, ଗୋବର୍ଦ୍ଧନ ପୀଠ ସେବା ସଚିବ ବରୁଣ କୁମାର ସାହୁ, ଭଦ୍ରକ ଶାଖା ସଭାପତି ସୂର୍ଯ୍ୟମଣୀ ଧଳ, ଯାଜପୁର ବଜରଂଗ ଦଳ ସଭାପତି ଅରବିନ୍ଦ ଦାସ, ଯାଜପୁର କ୍ଷେତ୍ରୀୟ ସମ୍ପାଦକ ପଣ୍ଡିତ ଲୋକନାଥ ପଣ୍ଡା, ଆଦିତ୍ୟା ବାହିନୀ ଯାଜପୁର ଶାଖର ଦୁର୍ଗା ମାଧବ ଦିକ୍ଷିତ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ସନାତନ ଧର୍ମର ପ୍ରଚାର ପ୍ରସାର, ହିନ୍ଦୁ ଧର୍ମର ଅଖଣ୍ଡତା ଓ ଗୋହତ୍ୟା ବନ୍ଦ, ସମାଜ ସେବା, ସାରା ବିଶ୍ୱରେ ପୂଜ୍ୟପାଦ ଗୁରୁଜୀ ଯେଉଁ ଦିଗ୍‌ଦର୍ଶନ ସୃଷ୍ଟି କରିଛନ୍ତି ତାହା ସାଂଗଠନିକ ସ୍ତରରେ ଆଗେଇ ନେବା ଓ ସୁସ୍ଥ ସମାଜ ଗଠନ ଉଦ୍ଦେଶ୍ୟରେ ଆଲୋକପାତ କରିଥିଲେ। ଅଭୟ ନୃସିଂହ ଆଦିତ୍ୟ ବାହିନୀ ଶାଖାର ସଭାପତି ପ୍ରଦୀପ କୁମାର ବେହୁରିଆ ଓ ଆଦିତ୍ୟ କୁମାର ପଣ୍ଡା କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ଏହି ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ ସଭ୍ୟ ରାମଚନ୍ଦ୍ର ବେହୁରିଆ, ଅଳକା ନାୟକଙ୍କ ସମେତ ଶାଖାର ନୂତନ କର୍ମକର୍ତ୍ତାଙ୍କୁ ଅତିଥିବୃନ୍ଦ ସମ୍ବର୍ଦ୍ଧିତ କରିଥିଲେ। ବିଶେଷକରି ଗୋ-ସୁରକ୍ଷା ଓ ଗୋ-ହତ୍ୟା ବନ୍ଦ ପାଇଁ କାର୍ଯ୍ୟ କରୁଥିବା ଶ୍ରୀକାନ୍ତ ସାହୁ, ଓଡ଼ିଶା ବିକଳାଙ୍ଗ ମଂଚର ସଭାପତି ଆଦିତ୍ୟ ପଣ୍ଡାଙ୍କୁ ମୁଖ୍ୟ ଅତିଥି ଗୌର ଶ୍ୟାମାନନ୍ଦଜୀ ମହାରାଜ ସ୍ୱତନ୍ତ୍ରଭାବେ ସମ୍ବର୍ଦ୍ଧିତ କରିବା ସହ ଉତ୍ସାହିତ କରିଥିଲେ। ଶେଷରେ ବିରଜା ସାହିତ୍ୟ ସଂସ୍କୃତି ଗବେଷଣା ପରିଷଦର ବାର୍ତ୍ତା ସମ୍ପାଦକ ମିନକେତନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଇଞ୍ଚୋଳରେ ବିଶ୍ୱ ପରିବେଶ ଦିବସ ପାଳନ

ହାଟଡିହି (ପିଏନ୍): ହାଟଡିହି ବ୍ଲକରେ ଥିବା ଇଞ୍ଚୋଳ ବିକାଶ ମଞ୍ଚ ତରଫରୁ ଇଞ୍ଚୋଳସ୍ଥିତ ମାର୍ଥା ପୋଖରୀ ନିକଟସ୍ଥ ଶ୍ରୀଜଗନ୍ନାଥ ବନ ପ୍ରକଳ୍ପରେ ଚାରା ରୋପଣ ସହ ପରିବେଶ ଓ ପୃଥିବୀର ସୁରକ୍ଷା ସମ୍ପର୍କିତ ଏକ ବିଶେଷ ଆସନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମଞ୍ଚର ସଦସ୍ୟମାନେ ଲିମ୍ବ ବନରେ ଚାରା ରୋପଣ କରିବା ସହ ତା'ର ଦାୟିତ୍ୱ ନେଇ ଉତ୍ତାରିବାକୁ ଶପଥ କରିଥିଲେ । ଉମାକାନ୍ତ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ନୃସିଂହ ଚରଣ ପଣ୍ଡା ସଭାପତିତ୍ୱ କରିଥିଲେ । ଅସ୍ୱାୟାର ଶିକ୍ଷା ସମୂହର ସଂଯୋଜକ ଦୁଷ୍ମନ୍ତ ସାହୁ ଅତିଥି ଭାବେ ଯୋଗ ଦେଇ ଆମ ଧରିତ୍ରୀ ମା'ର ସୁରକ୍ଷା ଓ ବନୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜୀବନ ରାଉତ, ସାଇବ ପଣ୍ଡା, ସତ୍ୟବ୍ରତ ଜେନା, ଅମ୍ଲାନ ଜେନା, ଅଭୟ ଜେନା, ରାଜେନ୍ଦ୍ର ଜେନା, ରାଜ କିଶୋର ଜେନା, ଲିକୁ ଜେନା, ମିକୁ ଜେନା, ପ୍ରକାଶ ଜେନା, ବବୁଲ୍ ଜେନା, ଗୋଧନ ଜେନା ଓ ସୁରଜ ଜେନା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ମୋ ସହର

## ପୁରୀରେ ୫ଟି ସଚିବଙ୍କ ପ୍ରକଳ୍ପର ବର୍ଷା



ପୁରୀ,(ପି.ଏନ):ପୁରୀ ତାଳବଣିଆ ଗାଡି ପାକିଂ ପଡିଆରେ ୫ଟି ସଚିବଙ୍କୁ ସ୍ୱାଗତ କରିବା ପାଇଁ ବିଶାଳ ମଂଚ ପ୍ରସ୍ତୁତି କରାଯାଇଥିବା ଦେଖିବାକୁ ମିଳିଥିଲା। ୫ଟି ସଚିବ ଭି କେ ପାଣ୍ଡିଆନ ସଭାସ୍ଥଳରେ ପହଂଚିବା ପରେ ଜିଲ୍ଲାପାଳ,ଆରକ୍ଷୀ ଅଧିକ୍ଷକଙ୍କ ସମେତ ରାଜ୍ୟ ସରକାରଙ୍କ ପ୍ରମୁଖ ଅଧିକାରୀମାନେ ପାଛୋଟି ନେଇଥିଲେ। ପରେ ରାଜ୍ୟର ସମସ୍ତ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ପ୍ରଚାର ଏବଂ ପ୍ରସାର କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଚେଷ୍ଟା ଜାରୀ ରହିଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ଅଧିକାଂଶ ବିଦ୍ୟାଳୟକୁ ୫ଟି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଆଗାମୀ ଦିନରେ ଜିଲ୍ଲାର ସମସ୍ତ ସରକାରୀ ମହାବିଦ୍ୟାଳୟକୁ ୫ଟି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଇ-ଲାଇବ୍ରେରୀ,ସ୍ମାର୍ଟ କ୍ଲାସ ରୁମ ଇତ୍ୟାଦି ସୁବିଧା ଯୋଗାଇବା ପାଇଁ ୫୦କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ପରିପ୍ରେକ୍ଷୀରେ ସେଠାରେ ଉପସ୍ଥିତ ଥିବା ୧୦ହଜାର ଛାତ୍ର ଛାତ୍ରୀଙ୍କ ମଧ୍ୟରୁ କିଛି ଛାତ୍ରଙ୍କ ଠାରୁ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ଅଭିଯୋଗଗୁଡିକର ତୁରନ୍ତ ବିଚାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ପକ୍ଷରେ ପୁରୀରେ ବର୍ତମାନ ୧୮୦୨.୦୧କୋଟି ଟଙ୍କାର ୧୧ଟି ପ୍ରକଳ୍ପର କାର୍ଯ୍ୟ ଜାରୀ ରହିଛି। ସେଗୁଡିକ ମଧ୍ୟରୁ ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ୪୫୮.୭୦କୋଟି,ଭକ୍ତ ନିବାସ ତଥା ବହୁତଳ ପାକିଂ ବ୍ୟବସ୍ଥା ପାଇଁ ୨୩୦.୬୨କୋଟି,୨୪୦.୫୬କୋଟି ଟଙ୍କାରେ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଂ ହସ୍ପିଟାଲର ନିର୍ମାଣ କାର୍ଯ୍ୟ ଜାରୀ ରହିଛି। ଅନ୍ୟ ପକ୍ଷରେ ୩୫୩.୫୪ କୋଟି ଟଙ୍କା ବ୍ୟୟ ଅଟକଳରେ ପୁରୀ ସହର ଏବଂ ସଦର ଅ ଳରେ ୮ଟି ପ୍ରକଳ୍ପର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି। ସେଥି ମଧ୍ୟରୁ ଶ୍ରୀଜଗନ୍ନାଥ ମେଡିକାଲ କଲେଜ,ସ୍ୱର୍ଗଦ୍ୱାରର ଉନ୍ନତିକରଣ ଏବଂ ଶ୍ରୀଜଗନ୍ନାଥ ଷ୍ଟାଡିୟମର ନିର୍ମାଣ ଅନ୍ୟତମ। ଭୂଦାନ ଅଂଚଳରେ ଅନ୍ୟ ଏକ ସଭାରେ ଆଗାମୀ ଦିନରେ ପୁରୀକୁ ୪୪୩.୫୩କୋଟି ବ୍ୟୟ ଅଟକଳରେ ନୂତନ ୬ଟି ପ୍ରକଳ୍ପ ପାଇଁ ଅର୍ଥ ବ୍ୟୟ ବରାଦ କରାଯିବ ବୋଲି ସୂଚନା ଦେଇଥିଲେ। ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ଅବଗତ କରିବା ସହ ବିଭିନ୍ନ ଲୋକଙ୍କ ଠାରୁ ଅଭିଯୋଗ ଗ୍ରହଣ କରିଥିଲେ। ଅଭିଯୋଗଗୁଡିକ ସମ୍ପର୍କରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲାପାଳଙ୍କ ସମେତ ଅନ୍ୟାନ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସଭାସ୍ଥଳରେ ସଚିବ ଭିନିଲ କ୍ରିଷ୍ଣା,ସେଂଟ୍ରାଲ ରେଞ୍ଜ ଆଇଜି ଆଶିଷ ସିଂ,ଜିଲ୍ଲାପାଳ ସମର୍ଥ ବର୍ମା,ଏସପି ଡ.କନୱର ବିଶାଲ ସିଂଙ୍କ ସମେତ ବିଧାୟକ ଏବଂ ଜିଲ୍ଲାର ବଛାବଛା ଅଧିକାରୀମାନେ ଉପସ୍ଥିତ ରହି ସଭା କାର୍ଯ୍ୟକୁ ପରିଚାଳନା କରିଥିଲେ।

## ନିମାପଡା ବ୍ଲକ ସମ୍ମୁଖରେ କଂଗ୍ରେସର ଧାରଣା

ନିମାପଡା, (ପି.ଏନ ) ପ୍ରଦେଶ କଂଗ୍ରେସ କମିଟୀ ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଆଜି ନିମାପଡା ବ୍ଲକ କଂଗ୍ରେସ କମିଟୀ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା । ବ୍ଲକ କଂଗ୍ରେସ ସଭାପତି ବିଜୟ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଡଃ. ରବିନ୍ଦ୍ର କୁମାର ସେଠୀ,ପିପିସି ଜିଲ୍ଲା ସଂପାଦକ ଲଲାଟେନ୍ଦୁ ଦାସ,ବରିଷ୍ଠ ନେତା ଅଜୟ କୁମାର ମିଶ୍ର,କାଳନ୍ଦୀ ଚରଣ ସ୍ୱାଇଁ,ରଶ୍ମି ସ୍ୱାଇଁ,ରାମଚନ୍ଦ୍ର ଜେନା,ବିଜୟ ମଲ୍ଲିକ,ଲକ୍ଷ୍ମୀଧର ବେହେରା,ବିଷ୍ଣୁ ମହାରଣା,କୈଳାଶ ସ୍ୱାଇଁ,ଚକ୍ରଧର ପଣ୍ଡା,ସଂଜୟ କୁମାର ନାୟକ,ଅମୀୟ କୁମାର ଦାସ,କଲିମ ଉଦ୍ଦିନ ପ୍ରମୁଖ ଯୋଗ ଦେଇଥିଲେ । ବ୍ଲକ ସ୍ତରରେ ଚାଲିଥିବା ବିଭିନ୍ନ ଦୁର୍ନୀତି ହଟାଇବାକୁ ଦଳ ପକ୍ଷରୁ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ରାଜ୍ୟ ଓ କେନ୍ଦ୍ରରେ ଶାସନାଧିନ ସରକାର ବିରୋଧରେ କଂଗ୍ରେସ କର୍ମୀମାନେ ନାରା ବାଜୀ କରିଥିଲେ । ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦଳ ପକ୍ଷରୁ ଏକ ସ୍ମାରକପତ୍ର ବିଡିଓ ବସନ୍ତ କୁମାର ମଲ୍ଲିକଙ୍କୁ ପ୍ରଦାନ କରାଯାଇଥିଲା ।

## ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ମୁଖ୍ୟ ଶାଖା ପକ୍ଷରୁ ବିଭାଜନ ବିଭିସିକା ସ୍ମୃତି ଦିବସ



କଟକ, (ପି.ଏନ): ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ କଟକ ମୁଖ୍ୟ ଶାଖା ପକ୍ଷରୁ ବିଭାଜନ ବିଭିସିକା ସ୍ମୃତି ଦିବସ ଅନୁଷ୍ଠିତ ହୋଇଯାଇଛି। ସୂଚନା ଥାଉକି ୧୯୪୭ ମସିହାରେ ଦେଶ ବିଭାଜନ ବେଳେ ଲକ୍ଷ ଲକ୍ଷ ଦେଶବାସୀଙ୍କ ଦୁଃଖ ଓ ଯନ୍ତ୍ରଣାକୁ ସ୍ମରଣ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଘୋଷଣାକ୍ରମେ ୨୦୨୧ ମସିହାରୁ ପ୍ରତିବର୍ଷ ଅଗଷ୍ଟ ୧୪ ତାରିଖରେ ଏହି ଦିବସ ପାଳନ କରାଯାଉଛି। ଆମ ଦେଶ ବିଭାଜନ ସମୟ ଏଭଳି ଛାତିଥରା କାହାଣୀକୁ ନେଇ ଖବର ଓ ଫଟୋ ପ୍ରଦର୍ଶନୀ ସହ ସ୍ମୃତି ଦିବସ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, କଟକ ମୁଖ୍ୟ ଶାଖା, କଟକ କଲେକ୍ଟର ଅଫିସ ସନ୍ନିକଟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ୧୦୪ ବର୍ଷ ବୟସ୍କ ମହମ୍ମଦିଆ ବଜାରର ବର୍ଷିଆନ ସ୍ୱାଧୀନତା ସଂଗ୍ରାମୀ ଚୈତନ୍ୟ ପ୍ରଧାନ ଉଦଘାଟନ କରି ମହାନ ସଂଗ୍ରାମୀଙ୍କ ତ୍ୟାଗପୂତ ନିଃସ୍ୱାର୍ଥପର ଆତ୍ମବଳୀଦାନର ଅଙ୍ଗେ ଲିଭା ଅନୁଭୂତିକୁ ବଖାଣିବା ସହ ମହାନ ଭାରତମାତାର ଓ ଅଖଣ୍ଡ ଭାରତର ପ୍ରଗତିକୁ ଆଗେଇ ନେବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଏଜିଏମ୍ ମହୋଦୟ ସେହି ସମୟର ଅସୀମ ତ୍ୟାଗ ଓ ବଳୀଦାନ ଦେଇଥିବା, ଯନ୍ତ୍ରଣା ସହିଥିବା ପୂର୍ବଜ ମାନଙ୍କୁ ମନେପକାଇବାର ଅବସର ବୋଲି ମତବ୍ୟକ୍ତ କରି ଆଜିର ଦିନରେ ସେହି ବିଭୀଷିକାରୁ ପ୍ରେରଣା ନେଇ ଭାରତକୁ ଅଧିକ ଶକ୍ତିଶାଳୀ, ସମୃଦ୍ଧ, ଶୌର୍ଯ୍ୟବାନ ଓ ସୁରକ୍ଷିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଜାତୀୟ ସଂଗୀତ ଓ ଅନ୍ୟାନ୍ୟ ସେବାଭିମୁଖୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଶାଖାର ସମସ୍ତ ସଦସ୍ୟ ଓ ସାଧାରଣ ଗ୍ରାହକମାନେ ଅଂଶ ଗ୍ରହଣ କରିଥିଲେ। ଷ୍ଟେଟ ବ୍ୟାଙ୍କ ପରିସରରେ ଏପରି ବିଶାଳ ଫଟୋ ପ୍ରଦର୍ଶନୀକୁ ଦେଖିବା ପାଇଁ ସାଧାରଣରେ ଉତ୍ସୁକତା ଓ ଆଗ୍ରହ ଦେଖାଯାଉଛି।

## ବରୀ କଂଗ୍ରେସ ପକ୍ଷରୁ ବ୍ଲକ୍ ଘେରାଉ

ବରୀ, (ପି.ଏନ) : ପ୍ରଦେଶ କଂଗ୍ରେସ ସଭାପତି ଶରତ ଚନ୍ଦ୍ର ପଟ୍ଟନାୟକଙ୍କ ଡାକରାରେ ଆଜି ବରୀ ବ୍ଲକ୍ କଂଗ୍ରେସ ପକ୍ଷରୁ ବ୍ଲକ୍ ଘେରାଉ କରାଯାଇଛି। କଂଗ୍ରେସ କର୍ମୀମାନେ ସରକାରଙ୍କ ବିରୋଧୀ ସ୍ଲୋଗାନ ଦେଇ ଏକ ଶୋଭାଯାତ୍ରାରେ ଦୁର୍ଗା ପଡିଆ ଠାରୁ ବାହାରି ବ୍ଲକ୍ ପରିସରକୁ ଯାଇଥିଲେ। ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ନମିତା ବାରିକଙ୍କ ଜରିଆରେ ୯ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ମହାମହୀମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏହି ଦାବି ପତ୍ରରେ ବ୍ଲକ୍ କାର୍ଯ୍ୟାଳୟରେ ଚାଲୁଥିବା ବ୍ୟାପକ ପିସି କାରବାର, ଆବାସ ଯୋଜନାର ଦୁର୍ନୀତି, ଦରଦାମ ବୃଦ୍ଧି, ନାରୀ ନିର୍ଯାତନା, ଚାଷୀ ମାରଣ ନୀତି, ଟାଟା କମ୍ପାନୀର ଖାଉଟି ବିରୋଧି ବିଜୁଳି ନୀତି, ସରକାରଙ୍କ ତରଫରୁ ପ୍ରତି ପଂଚାୟତକୁ ପ୍ରଦାନ କରାଯାଇଥିବା ୫୦ ଲକ୍ଷ ଅନୁଦାନ ରାଶିକୁ ସିଧାସଳଖ ପଂଚାୟତକୁ ଦିଆଯିବା ଏବଂ ଗ୍ରାମ ସଭା ମାଧ୍ୟମରେ ପ୍ରକଳ୍ପ ନିଷ୍ପତି କରାଯିବା, ବେକାର ଯୁବ ଯୁବତୀ ମାନଙ୍କୁ ନିଯୁକ୍ତି ପ୍ରଦାନ, ଅନୁସୁଚିତ ଜାତି, ଜନଜାତି ଓ ପଛୁଆବର୍ଗ ମାନଙ୍କ ଅଧିକାର କ୍ଷୁର୍ଣ୍ଣ ବନ୍ଦ କରିବା ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ବ୍ଲକ୍ ଘେରାଉ କାର୍ଯ୍ୟକ୍ରମରେ ଇଂ ଅମରେଶ ପରିଡା, ଆରତି ଦେଓ, ବରୀ ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ଅପୂର୍ବ ସାମଲ, ବରୀ ବ୍ଲକ୍ କଂଗ୍ରେସ ସଭାପତି ମନୋଜ ଦାସ, ଛାତ୍ର ନେତା ସାଗର ମିଶ୍ର, ଦେବେନ୍ଦ୍ର ପ୍ରଧାନ, ନନ୍ଦ କିଶୋର ସେନାପତି, ସୁବାସ ସେଠୀ, ବିଜୟ ଜେନା, ପ୍ରତାପ ସାହୁ, ଶରତ କେନା, ମାନସ ପରିଡା, ମାଗୁଣୀ ପ୍ରଧାନ, କାଙ୍ଗାଳି ରାଉତଙ୍କ ସମେତ ଶତାଧିକ ଦଳୀୟ କର୍ମୀ ସାମିଲ ହୋଇଥିଲେ।

## ନିଆଳୀ ବ୍ଲକ ଘେରାଉ ଆନ୍ଦୋଳନରେ ଯୋଗ ଦେଲେ ପିସିସି ସଭାପତି ଶରତ ପଟ୍ଟନାୟକ

ଭୁବନେଶ୍ୱର : ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ୯ ଦଫା ଦାବି ନେଇ ୩୧୪ ବ୍ଲକ ଘେରାଉ କରିଥିଲା କଂଗ୍ରେସ। ଆଜି କଂଗ୍ରେସ ନେତା ତଥା ପିସିସି ସମ୍ପାଦକ ଶଶୀକାଂ ଲେଙ୍କାଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରାରେ ପିସିସି ସଭାପତି ଶରତ ପଟ୍ଟନାୟକ ଓ କଟକ ଜିଲ୍ଲା ସଭାପତି ମାନସ ଚୌଧୁରୀଙ୍କୁ ନିଆଳୀ ପେଟ୍ରୋଲ ଟାଙ୍କି ଛକରୁ ସ୍ୱାଗତ କରି ବ୍ଲକ ପର୍ଯ୍ୟଂ ନିଆଯାଇଥିଲା। ଶ୍ରୀ ପଟ୍ଟନାୟକ ଆଜି ନିଆଳୀ ବ୍ଲକ ଘେରାଉ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି କହିଲେ ଯେ ରାଜ୍ୟରେ ବି.ଜେ.ଡ଼ି ସରକାର ଓ କେନ୍ଦ୍ରରେ ବି.ଜେ.ପି ସରକାର ଶାସନ କାଳରେ ଗାଁ ଗଣ୍ଡାର ବିକାଶ ହୋଇପାରି ନାହିଁ। ସାଧାରଣ ଲୋକଙ୍କର ହିତସାଧନ ମଧ୍ୟ ହୋଇପାରିନାହିଁ। ପଂଚାୟତ ଠାରୁ ବ୍ଲକ ଅଫିସ ଓ ଡି.ଆର.ଡ଼ି.ଏ ଅଫିସ ପର୍ଯ୍ୟଂ ବ୍ୟାପକ ଦୁର୍ନୀତିର ଚେର ମାଡ଼ି ଗଲାଣି। ସବୁଠାରେ ୧୫% ରୁ ୫୦ % ପି.ସି. କାରବାର ଚାଲିଛି। ଉଭୟ ସରକାର ଶହ ଶହ କୋଟି ଟଙ୍କାର ବିଜ୍ଞାପନ ଦେଇ ଗାଁ ଗଣ୍ଡା ବିକାଶର ମିଛ ରଙ୍ଗୀନ ଚିତ୍ର ଦେଖାଉଥିବା ବେଳେ ଗାଁର ଗରୀବ ବାପୁଡ଼ା ମୁହଁ ମାଡ଼ି ପଡ଼ିଛି। ଚାଷୀ ତା' ଅମଳର ମୂଲ୍ୟପାଉନି। ଓଡ଼ିଆ ଯୁବକ ହାତକୁ କାମ ନାହିଁ। ରାଜ୍ୟ ବାହାରକୁ ଯାଇ ଦାଦନ ଖଟୁଛି।

## ଜିଲ୍ଲାପାଳଙ୍କ କାର୍ଯ୍ୟକ୍ରମରେ ସଦଭାବନା ଦିବସ ପାଳନ



ନବରଙ୍ଗପୁର,(ପି.ଏନ):ନବରଙ୍ଗପୁର ଜିଲ୍ଲାପାଳଙ୍କ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଡ଼ଃ କମଳ ଲୋଚ଼ନ ମିଶ୍ର ଙ୍କ ଅଧକ୍ଷତାରେ ସଦଭାବନା ଦିବସ ପାଳନ ଅବସରରେ ଶପଥ ପାଠ ଉତ୍ଛବ ପାଳନ ହୋଇଯାଇଛି। ଜିଲ୍ଲାପାଳ ଡଃ ମିଶ୍ର, ଜାତି ସମ୍ପ୍ରଦାୟ କ୍ଷେତ୍ର, ଧର୍ମ ଅଥବା ଭାଷା ଭିତ୍ତିକ ଭେଦଭାବ, ହିଂସା ର ସାହଯ୍ୟ ବିନା ସବୁ ପ୍ରକାର ମତଭେଦ କଥାବାର୍ତ୍ତା ଏବଂ ସାମ୍ବିଧାନିକ ବ୍ୟବସ୍ଥା ମାଧ୍ୟମରେ ସମାଧାନ କରିବା ପାଇଁ ଭାରତ ବାସୀଙ୍କ ଭାବନାତ୍ମକ ଏକତା ଏବଂ ସଦଭାବନା ନିମନ୍ତେ କାର୍ଯ୍ୟ କରିବା ପାଇଁ ଉପସ୍ଥିତ ସମସ୍ତ ଅଧିକାରୀ ଏବଂ କର୍ମଚ଼ାରୀ ଙ୍କୁ ଶପଥ ପାଠ କରାଇଥିଲେ। ଏହି ଶପଥ ପାଠ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ନବରଙ୍ଗପୁର ମହେଶ୍ୱର ନାୟକ ଏବଂ ନବୀନ ଚ଼ନ୍ଦ୍ର ନାୟକ, ଡେପୁଟି ଜିଲ୍ଲାପାଳ ନିର୍ମଳ ନାୟକ, ମନସ୍ମିତା ପି, ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜି ଭି ଭେଙ୍କ ?ଟ ରେଡ୍ଡି, ସହକାରୀ କୃଷି ନିର୍ଦ୍ଦେଶକ କମଳ ଲୋଚ଼ନ ନାୟକ, ସୌଭାଗ୍ୟ ନାୟକ, ପ୍ରକାଶ ବାରିକ, ଶିଶିର ପଣ୍ଡା, ଓଡିଶା ଭି କ୍ରିଷ୍ଣା ବେଣୀ, ରାଜସ୍ୱ ଅମଲା ସଂଘର ସଭାପତି ତ୍ରିପତି ବାଲାଜୀ ସାହୁ, ନରେନ୍ଦ୍ର ସାହୁ,ପାର୍ବତୀ ନାୟକ, ଦାନବୀର ଜଗତ, ପ୍ରଫୁଲ୍ଲ ପାତ୍ର,ସୁରେଶ ପଟନାୟକ, ବିଜୟ ସାହୁ, କବିତା ବ୍ରହ୍ମା ,ତୃପ୍ତି ପଟ୍ଟନାୟକ, ଚ଼ିତ୍ତରଞ୍ଜନ ପାତ୍ର, ଧନୁର୍ଜୟ ପୂଜାରୀ, ଅରୁଣ କୁମାର ବେହେରା, ପିରାମିଲ ଫାଉଣ୍ଡେସନ ର ସାୟୁ ସିହ୍ନା, ନ୍ୟାୟସିଲ , ଦେବବ୍ରତ ଆଚ଼ାର୍ଯ୍ୟ ଙ୍କ ସହିତ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କର୍ମଚ଼ାରୀ ଉପସ୍ଥିତ ଥିଲେ।

## ସୂଚ଼ନା ଅଧିକାର ଆଇନରୁ ମିଳୁନି ସଠିକ ତଥ୍ୟ,ସାଧାରଣରେ ଅସନ୍ତୋଷ

ଖୋର୍ଦ୍ଧା, (ପିଏନ):ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ କୁଞ୍ଜୁରୀ ପଞ୍ଚାୟତ ଅନ୍ତର୍ଗତ ଛଣିଆ ଗ୍ରାମର ଲୁଟୁରାଜ ଖୁଣ୍ଟିଆ ୨୦୨୩ ମସିହା ୨୦ ତାରିଖ ଜୁନ ମାସରେ ସୂଚ଼ନା ଅଧିକାର ଆଇନ ବଳରେ ୨୦୧୯ ମସିହାରୁ ୨୦୨୨ ମସିହା ପର୍ଯ୍ୟନ୍ତ ସ୍ଥାନୀୟ ଅଙ୍ଗନବାଡି କେନ୍ଦ୍ରର ଆୟବ୍ୟୟର ହିସାବ ମାଗିଥିଲେ ।ଏଥିରେ ଅଙ୍ଗନବାଡି ସୁପରଭାଇଜରଙ୍କ ସହଯୋଗ ମିଳିବା ଦୂରର କଥା ସଠିକ ତଥ୍ୟ ମିଳିବାରେ ବିଳମ୍ବ ଘଟିଥିବାରୁ ଖୋର୍ଦ୍ଧା ଉପଜିଲ୍ଲାପାଳଙ୍କୁ ଭେଟି ଅବଗତ କରିବା ପରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।ବେଗୁନିଆ ସିଡିପିଓ କାର୍ଯ୍ୟାଳୟ ପକ୍ଷରୁ କାହିଁକି ସଠିକ ତଥ୍ୟ ପ୍ରଦାନ କରାଯାଉ ନାହିଁ ବୋଲି ସାଧାରଣରେ ଅସନ୍ତୋଷ ଦେଖାଦେବା ସହ ପ୍ରଶ୍ନବାଚ଼ୀ ସୃଷ୍ଟି କରିଛି ।ଏଥିପାଇଁ ଶ୍ରୀ ଖୁଣ୍ଟିଆ ଅସନ୍ତୋଷ ବ୍ୟକ୍ତ କରିବା ସହ ଉଚ୍ଚ଼ ନ୍ୟାୟାଳୟର ଆଶ୍ରୟ ନେବେ ବୋଲି ଜଣାଇଛନ୍ତି ।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Saturday August 19, 2023 ଭୁବନେଶ୍ୱର ଶନିବାର, ଅଗଷ୍ଟ ୧୯,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ବାରିପଦା ଠାରେ ସଦ୍ଭାବନା ଦିବସ ଉପଲକ୍ଷେ ଶପଥ ପାଠ ଉତ୍ସବ ଅନୁଷ୍ଠିତ

ବାରିପଦା,(ପି.ଏନ): ସମସ୍ତ ଧର୍ମ, ଭାଷା ଏବଂ ଅଞ୍ଚଳର ଲୋକଙ୍କ ମଧ୍ୟରେ ଜାତୀୟ ଏକୀକରଣ ତଥା ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ମୟୂରଭଞ୍ଜ ସଦରମହକୁମା ବାରିପଦା ଠାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଫେସିଲିଟେସନ ସେଣ୍ଟର ଠାରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ର କର୍ମଚାରୀଅଧିକାରୀ ଓ କର୍ମଚାରୀ ବୃନ୍ଦ ଶୁକ୍ରବାର ଦିନ ସଦ୍ଭାବନା ଦିବସ ପାଳନ ଉପଲକ୍ଷେ ଶପଥ ପାଠ କରିଥିଲେ. ଅତିରିକ୍ତ ଜିଲ୍ଲାପାଳ (ସାଧାରଣ )ମୟୁରଭଞ୍ଜ ଶ୍ରୀ ରୁଦ୍ର ନାରାୟଣ ମହାନ୍ତି ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଉକ୍ତ ଶପଥ ପାଠ ଉତ୍ସବ ରେ ଡେପୁଟି କଲେକ୍ଟର ଜରୁରୀ ବିଭାଗ ଶ୍ରୀ ସୁଜୟ କୁମାର ପତି ଯୋଗ ଦେଇଥିବା ବେଳେ ଅନ୍ୟାନ୍ୟ ବିଭାଗୀୟ ଡେପୁଟି କଲେକଟର ତଥା ଅନ୍ୟ ବିଭାଗୀୟ କର୍ମଚାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ(ସାଧାରଣ ), ମୟୁରଭଞ୍ଜ ଶ୍ରୀ ରୁଦ୍ର ନାରାୟଣ ମହାନ୍ତି ଉପସ୍ଥିତ ସମସ୍ତଙ୍କୁ ସଦଭାବନା ଦିବସ ର ଶପଥ ପାଠ କରାଇ ଥିଲେ. ଭାରତ ସରକାରଙ୍କର ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ ନିର୍ଦ୍ଦେଶ କ୍ରମେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜନ୍ମ ବାର୍ଷିକୀ ପ୍ରତିବର୍ଷ ଅଗଷ୍ଟ ୨୦ ତାରିଖ କୁ ସଦ୍ଭାବନା ଦିବସ ଭାବେ ପାଳନ କରାଯାଇ ଥାଏ । ଏହି ଅବସରରେ ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟ ରେ ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ଅଗଷ୍ଟ ୧୮ ତାରିଖ ରେ ଏହି ଶପଥ ପାଠ ଉତ୍ସବ ପାଳନ କରାଯାଇଥିଲା। ହିଂସାକୁ ପରିହାର ତଥା ସାମ୍ପ୍ରଦାୟିକ ଭେଦ ଭାବ ନରଖି ନିଜ ନିଜ ମଧ୍ୟରେ ସୌହାର୍ଦ୍ଦ୍ୟ ପୂର୍ଣ୍ଣ ସମ୍ପର୍କ ବୃଦ୍ଧି କରି ଦେଶର ସଂହତି କୁ ଅକ୍ଷୁର୍ଣ୍ଣ ରଖିବା ଉଦେଶ୍ୟ ରେ ଏହି ସଦଭାବନା ଦିବସ ପାଳନ ହୋଇଥାଏ. ଆଜିର ଅନୁଷ୍ଠିତ କାର୍ଯ୍ୟକ୍ରମ କୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ବିକାଶ ରଞ୍ଜନ ମହାନ୍ତି ପରିଚାଳନା କରିଥିଲେ।

## ଅସହାୟ କଲ୍ୟାଣ ସମିତି ର ପ୍ରଥମ ବାର୍ଷିକ ଉତ୍ସବ : ସମ୍ବର୍ଦ୍ଧିତ ହେଲେ ପ୍ରତିଭା

ପାରାଦୀପ,(ପି.ଏନ): ପାରାଦୀପ ର ଏକ ଅଗ୍ରଣୀ ସେବା ଅନୁଷ୍ଠାନ 'ଅସହାୟ କଲ୍ୟାଣ ସମିତି' ର ପ୍ରଥମ ବାର୍ଷିକ ଉତ୍ସବ ଷଣ୍ଢକୁଦ ସ୍ଥିତ ଅଟୋ ଷ୍ଟାଣ୍ଡ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଓ ପାରାଦୀପ ବିଜେପି ନେତା ସମ୍ପଦ ସ୍ୱାଇଁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସମିତି ଦ୍ୱାରା ବୃଦ୍ଧ ଓ ବୃଦ୍ଧା ଅସହାୟ ମାନଙ୍କୁ ଆର୍ଥିକ ସହାୟତା, ନିଃସହାୟ ରୋଗୀ ମାନଙ୍କ ଅସ୍ତ୍ରପଚାର ସମେତ ବିଭିନ୍ନ ଦୃଷ୍ଟାଂ ମୂଳକ ସମାଜ ସେବା କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ।

# ସ୍ୱାଧୀନତା ଦିବସ ଉପଲକ୍ଷେ ପତାକା ଉତ୍ତୋଳନ

ଭୁବନଶ୍ୱେର(ପି.ଏନ): ୭୭ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଖୋର୍ଦ୍ଧା ଜିଲ୍ଲା କ୍ଷୁଦ୍ର ଶିଳ୍ପଦ୍ୟୋଗୀ ସଂଘ, ଓଡ଼ିଶା ନାଗରିକ ସୁରକ୍ଷା ମହାମ ଓ ଆପେକ୍ସ ବଡି ଅଫ୍ ୱାର୍କିଂ ଜୋର୍ଣ୍ଣାଲିଷ୍ଟ ଆସୋସିଏସନ୍ ଅଫ୍ ଇଣ୍ଡିଆର ମିଳିତ ସହଯୋଗରେ ପତାକା ଉତ୍ତୋଳନ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ଖୋର୍ଦ୍ଧା ଜିଲ୍ଲା କ୍ଷୁଦ୍ର ଶିଳ୍ପଦ୍ୟୋଗୀ ସଂଘର ସଭାପତି ଶ୍ରୀଯୁକ୍ତ ବଟକୃଷ୍ଣ ଓଝାଙ୍କ ସଭାପତିତ୍ୱରେ ପାଳିତ ସମାରୋହରେ ମୁଖ୍ୟ ଅତିଥି ଭାବରେ ସ୍ୱର୍ଗତ ଉତ୍କଳମଣି ଗୋପବନ୍ଧୁଙ୍କ ନାତି ତଥା ଆର୍.ଏନ୍. ଲାବ୍ରୋଟାରୀର ମ୍ୟାନେଜିଙ୍ଗ୍ ଡାରେକ୍ଟର ଏସ୍.ଏନ୍. ଦାସ, ଓଡ଼ିଶା ନାଗରିକ ସୁରକ୍ଷା ମହାମ ର ସଭାପତି ବଟ୍ଟକକୃଷ୍ଣ ରାଉତ, ସାଧାରଣ ସମ୍ପାଦକ ତଥା ସରକାରୀ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ ଶରତ ଚନ୍ଦ୍ର ବେହେରା ଓ ଆୱାଜ୍ ଅଫ୍ ଇଣ୍ଡିଆର ଚେୟାରମ୍ୟାନ ତଥା ବରିଷ୍ଠ ସାମ୍ବାଦିକ ଶ୍ରୀ ସୁନୀଲ୍ କୁମାର ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ଓଡ଼ିଶା ନାଗରିକ ସୁରକ୍ଷା ମହାମ ର ସଭାପତି ବଟକୃଷ୍ଣ ରାଉତ ତାଙ୍କ ବକ୍ତବ୍ୟରେ କହିଥିଲେ ସମସ୍ତ ଉପସ୍ଥିତ ବ୍ୟକ୍ତିମାନଙ୍କୁ କରିଥିଲେ, ଆସଁ ଆଜି ଶପଥ ନେବା ପ୍ରତ୍ୟେକ ଜଣେ ଜଣେ ଅବହେଳିତ, ବେକାରୀ ଲୋକଙ୍କୁ ସହଯୋଗର ହାତ ବଢ଼ାଇବା ଓ ତାଙ୍କୁ ମୁଖ୍ୟ ସ୍ରୋତରେ ସାମିଲ୍ କରିବା ପାଇଁ ଅନୁରୋଧ କରିଥିଲେ । ଭାରତ ବର୍ଷ ସ୍ୱାଧୀନତା ହେବାର ୭୭ବର୍ଷ ହୋଇଥିଲେ ମଧ୍ୟ ଅନେକ କ୍ଷେତ୍ରରେ ଅବହେଳିତ ହୋଇରହିଛି । ଆଜିବି ଭାରତର ନାଗରିକମାନେ ନିଜକୁ ଅସୁରକ୍ଷିତ ଓ ଅବହେଳିତ ମଣୁଛଁ । ଭାରତର ସ୍ୱାଧୀନତାର ସ୍ୱାଦ ବହୁ ଲୋକଙ୍କ ପାଖରେ ପହ ୍ପାରିନାହିଁ । ତେଣୁ ପୁନର୍ବାର ସମସ୍ତ ସଚେତନ ନାଗରିକ, ଦଳିତ, ଅବହେଳିତଙ୍କ ପାଇଁ ସ୍ୱର ଉତ୍ତୋଳନ କରିବାର ଆବଶ୍ୟତା ରହିଛି । ସେହିପରି ଏକ ସଚ୍ଚୋଟ, ନିର୍ଭିକ ଓ ପ୍ରକୃତ ଦେଶଭକ୍ତର ଆବଶ୍ୟକତ ରହିଛି । ଏଥିରେ କ୍ଷୁଦ୍ର ଶିଳ୍ପଦ୍ୟୋଗୀ ସଂଘର ସାଧାରଣ ସମ୍ପାଦକ ଅମୀୟ ମଲ୍ଲିକ, କୋଷାଧକ୍ଷ ଲମ୍ବୋଦର ମହାରଣା, ସଭ୍ୟ ରାଜକୁମାର ଜେନା, ପ୍ରଦୀପ ମହାରଣା, ବିଶ୍ୱଜିତ୍ ମହାଁ ତଥା ଅନେକ ବୁଦ୍ଧିଜୀବୀ ଓ ସାମ୍ବାଦିକମାନେ ଯୋଗଦାନ କରିଥିଲେ ।

# ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ମାଲକାନଗିରି,(ପି.ଏନ): ମାଲକାନଗିରି ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଆଜି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଡ. ଆଲୋକ କୁମାର ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ଯୋଗ ଏହାକୁ ଉଦଘାଟନ କରିଥିଲେ। ଭାରତୀୟ ସଂସ୍କୃତି ବସୁଧୈବ କୁଟମ୍ବକମ୍ ବିଚାରଧାରାରେ ଅନୁପ୍ରାଣିତ ହୋଇ ସମାଜରେ ଅନ୍ୟକୁ ସହାୟତା କରିବା ଉଚିତ୍ ଓ ଯୁବ ସମାଜ ରକ୍ତଦାନ ଭଳି ଏକ ମହତ୍ କାର୍ଯ୍ୟରେ ନିଜକୁ ସାମିଲ୍ କରି ଅନ୍ୟର ଜୀବନ ବଞ୍ଚାଇବା ଭଳି ମହାନ୍ କାର୍ଯ୍ୟ କରିବା ନିମନ୍ତେ ଆଗେଇ ଆସିବା ଉଚିତ୍ ବୋଲି ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଥିଲେ। ଏଥିରେ ସମ୍ମାନିତ ଅଥିତି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ଯୋଗ ଦେଇ କହିଥିଲେ ଯେ ଜଣେ ରକ୍ତ ଦାନ କରିବା ଦ୍ୱାରା ତିନି ଜଣଙ୍କ ଜୀବନ ରକ୍ଷା କରାଯାଇପାରିବ। ତେଣୁ ଯୁବ ସମାଜ ରକ୍ତଦାନ କରି ନିଜର ସମାଜ ପ୍ରତି ଥିବା ଉତ୍ତର ଦାୟିତ୍ୱକୁ ନିର୍ବାହ କରିବା ଉଚିତ୍ ବୋଲି କହିଥିଲେ। ଏହାପରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଆସି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏହି ଅବସରରେ ସ୍ୱତନ୍ତ୍ର ଅତିଥି ଭାବେ ମାଲକାନଗିରି ଆରକ୍ଷୀ ଅଧିକ୍ଷକ ନୀତେଶ ୱାଧୱାନୀ ଯୋଗ ଦେଇ ରକ୍ତଦାନର ଆବଶ୍ୟକତା ବିଷୟରେ ଆଲୋକପାତ କରିବା ସହ ସେ ନିଜେ ରକ୍ତଦାନ କରିଥିଲେ। ଏଥିସହ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତପନ ନାରାୟଣ ରଥ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ରକ୍ତଦାନ ପାଇଁ ଉତ୍ସାହିତ କରିଥିଲେ। ମାଲକାନଗିରି ରକ୍ତଭଣ୍ଡାରର ଲ୍ୟାବ ଟେକ୍ନିସିଆନ୍ ସୁଜଳ କୁମାର ରାୟ, ଡିଏମଏ ଅର୍ଚ୍ଚନା ସୁଆର, ନର୍ସିଂ ଅଫିସର ଏନ୍.ସୁବର୍ଣ୍ଣା ଓ ଆଟେଣ୍ଡାଣ୍ଟ ମୋହନ ଖେମୁଣ୍ଡୁ ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧ୍ୟାପକ ଗୁରୁ ପ୍ରସାଦ ଲେଙ୍କା, ବଙ୍କିମ୍ ସିଲ୍, ଜିତେନ୍ଦ୍ର ବାରିକ, ସତ୍ୟନାରାୟଣ ସାହୁ, ରଶ୍ମିତା ନନ୍ଦ, ଦେବଜାନୀ ଶୁଭଲକ୍ଷ୍ମୀ ସ୍ୱାଇଁ, ମେନକା ପଟ୍ଟନାୟକ, ସୁଭସ୍ମିତା ସୁବୁଦ୍ଧି, ରଶ୍ମିତା ପଟ୍ଟନାୟକ, ମୁକ୍ତିକାନ୍ତ ପଣ୍ଡା, ଅଞ୍ଜଳି ନାୟକ, ଡ.ଚିନ୍ମୟ ମହାନ୍ଦିଆ, ସୁଶାନ୍ତ ମାରାଣ୍ଡି, ଡ. ସୂର୍ଯ୍ୟକାନ୍ତ ପାଲ, ଡ. କିରଣ କୁମାର ଜାମଡାଲିଆ, ଡ. ଦିନବନ୍ଧୁ ସାହୁ, ସୌମ୍ୟରଞ୍ଜନ ଦାସ, ସଦାଶିବ ମହାପାତ୍ର, କୁମୁଦ ଖୁସୱାହା, ବିଜୟ ମଧୁ, ଗୌରାଙ୍ଗ ମଣ୍ଡଳ, ରାଜେନ୍ଦ୍ର ଜେନା, ରବି ରାଜେଶ, ବସନ୍ତ ନାୟକ, ହିମାଂଶୁ ଶେଖର ନନ୍ଦି ଓ ନିର୍ମଳ ସେନାପତି ପ୍ରମୁଖ ସହଯୋଗ କରିଥିଲେ।

# ମୋନାଲିସା ସାହିତ୍ୟ ସଂସଦ ପକ୍ଷରୁ ଦେଶାତ୍ମବୋଧକ ସାହିତ୍ୟ ଆସର

ପାରାଦୀପ,(ପି.ଏନ): ପାରାଦୀପ ର ଅଗ୍ରଣୀ ସାହିତ୍ୟ, ସଂସ୍କୃତି ଓ ସେବା ଅନୁଷ୍ଠାନ 'ମୋନାଲିସା ସାହିତ୍ୟ ସଂସଦ' ଆନୁକୁଲ୍ୟରେ ପାରାଦୀପ ପୋର୍ଟ ୱାର୍କର୍ସ ୟୁନିଅନ ପରିସରରେ 'ସ୍ୱାଧିନତା ସଂଗ୍ରାମରେ ସାହିତ୍ୟ ର ଭୂମିକା' ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଅନଂ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କବିତା ଆସର ଓ ଆଲୋଚନା ଚକ୍ରରେ ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ସବିତା ମହାପାତ୍ର ମୁଖ୍ୟ ଅତିଥି, ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପିତାମ୍ବର ତରାଇ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବା ବେଳେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଅନୁଷ୍ଠାନର ସମ୍ପାଦିକା ସଂଘମିତ୍ରା ସ୍ୱାଇଁ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ସ୍ତମ୍ଭକାର ଅକ୍ଷୟ କୁମାର ରାଉତ, ଶିକ୍ଷାବିତ ନଗେନ୍ଦ୍ର ନାଥ ସ୍ୱାଇଁ, ନାଟ୍ୟକାର ଓ କବି ରମେଶ ତ୍ରିପାଠୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । କଷ୍ଟଲବ୍ଧ ସ୍ୱାଧିନତାର ଦୁରୁପଯୋଗ ହେଲେ ଜାତୀୟତା ବୋଧରେ ଅଂରାୟ ସୃଷ୍ଟି ହେବ । ଭାରତୀୟ ମୁକ୍ତି ସଂଗ୍ରାମର ଇତିହାସ ପ୍ରଚାର ପ୍ରସାର ବୃଦ୍ଧି ହୋଇ ପାରିଲେ ଉତ୍ତରପିଢି ଅନୁପ୍ରାଣିତ ହୋଇ ଦେଶ ଗଠନରେ ନିଃସ୍ୱାର୍ଥପର ଭାବେ ବ୍ରତି ହୋଇପାରିବେ ବୋଲି ସମସ୍ତ ଅତିଥି ମାନେ ମତ ପୋଷଣ କରିଥିଲେ। ଏହି ଅବସରରେ କବୟିତ୍ରୀ ପ୍ରଭାତୀ ମାଝୀଙ୍କ ସଂଯୋଜନାରେ ରଘୁନାଥ ଆଚାର୍ଯ୍ୟ, ଚିତ୍ରସେନ ମହାଁ, ରଶ୍ମିରେଖା ବେହେରା, ମଧୁସ୍ମିତା ମହାଁ, ନିହାରିବାଳା ବାରିକ, ମୀରାଙ୍ଗିନୀ ଦେଇ, ମିନର୍ଭା ସ୍ୱାଇଁ, ସୟ କୁମାର ଦାଶ, ବାବାଜୀ ନାୟକ, ହାରାମଣୀ ମହାପାତ୍ର, ପ୍ରେମଲତା ବାରିକ, କୁଳମଣି ବିଶ୍ୱାଳ, ନୃସିଂହ ଚରଣ ବାରିକ ପ୍ରମୁଖ ଦେଶାତ୍ମବୋଧକ କବିତା ଆବୃତ୍ତି କରିଥିଲେ । କାର୍ଯ୍ୟକ୍ରମ ଶେଷରେ ପ୍ରକାଶ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଦାନଗଦି ବ୍ଲକ ରେ ମନ୍ତ୍ରୀଙ୍କ ଦ୍ୱାରା ଭତ୍ତା ପ୍ରଦାନ କାର୍ଯ୍ୟକ୍ରମ



ଦାନଗଦି (ପି ଏନ୍ ) : ରାଜ୍ୟ ସରକାର ଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଯୋଜନା ରେ ବୃଦ୍ଧ, ବୃଦ୍ଧା ଓ ବିକଳାଙ୍ଗ ମାନଙ୍କୁ ସହାୟତା ପ୍ରଦାନ କରିବାକୁ ଭତ୍ତା ପ୍ରଦାନ କରାଯାଉଛି କ୍ଷ ଏହି ଅବସରରେ ଦାନଗଦି ବ୍ଲକ ଅନ୍ତର୍ଗତ ମାନତୀରା ପଞ୍ଚାୟତ ରେ ମାନ୍ୟବର ମନ୍ତ୍ରୀ ବିଜ୍ଞାନ, କାରିଗରୀ, ସାମାଜିକ ସୁରକ୍ଷା ଓ ବିକଳାଙ୍ଗ ବିକାଶ ଶ୍ରୀଯୁକ୍ତ ଅଶୋକ ପଣ୍ଡା ଓ ଦକ୍ଷତା ବିକାଶ ଓ ଗ୍ରାମ ଉନ୍ନୟନ ବିକାଶ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରିତିରଞ୍ଜନ ଘଡାଇ ଏକ ସାଧାରଣ ସଭାରେ ଉଦବୋଧନ ଦେଇଥିଲେ ଓ ଏହାପରେ ଏକ ଶୋଭାଯାତ୍ରା ରେ ବାହାରି ଦାନଗଦି ପଞ୍ଚାୟତ ସମିତି ଠାରେ ପହଞ୍ଚି ଏକ ବିରାଟ ସାଧାରଣ ସଭାରେ ଉଦବୋଧନ ଦେଇଥିଲେ କ୍ଷ ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପଞ୍ଚାୟତରୁ ଆସିଥିବା ହିତାଧିକାରୀ ମାନଙ୍କୁ ଭତ୍ତା ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଦାନଗଦି ବ୍ଲକ ରେ ମୋଟ ୭୧୮ ଜଣଙ୍କୁ ଏହି ଭତ୍ତା ପ୍ରଦାନ କରାଯାଇଛି କ୍ଷ ବାତିଲ ପଡିଥିବା ଅନ୍ୟ ସମସ୍ତ ହିତାଧିକାରୀ ମାନଙ୍କୁ ତିନି ଦିନ ମଧ୍ୟରେ ପୁନ ଦରଖାସ୍ତ କରିବାକୁ ମନ୍ତ୍ରୀ ଶ୍ରୀଯୁକ୍ତ ପଣ୍ଡା ଉପଦେଶ ଦେଇଥିଲେ କ୍ଷ ଏହି କାର୍ଯ୍ୟକ୍ରମ ରେ ଦାନଗଦି ବ୍ଲକ ବିଡିଓ ସାରଦା ପ୍ରସାଦ ପଣ୍ଡାଙ୍କ ସମେତ ତହସିଲଦାର, ପଞ୍ଚାୟତ ସମିତି ଅଧ୍ୟକ୍ଷା, ବିଧାୟକ ପ୍ରତିନିଧି, ପଞ୍ଚାୟତ ପ୍ରତିନିଧି ଏବଂ ବିଜେଡ଼ି ର ବହୁ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ କ୍ଷ ସଭାକୁ ଶାନ୍ତିଶୃଙ୍ଖଳା ସହିତ ସମାପନ କରିବାକୁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

# ବାଣୀ ବିହାର ୮୦ ଅନୁଷ୍ଠାନର ଅନ୍ନଦାନ କାର୍ଯ୍ୟକ୍ରମ




ଭୁବନେଶ୍ୱର,(ପି.ଏନ): ଗତକାଲି ଅଗଷ୍ଟ ୧୫ ଦିନ ୭୭ତମ ସ୍ୱାଧିନତା ଦିବସ ଉପଲକ୍ଷେ ଭୁବନେଶ୍ୱରର ଭରତ ପୁର ଠାରେ ସ୍ଥିତ ଲୁଇ ବ୍ରେଲ ଦୃଷ୍ଟିହୀନ ବିଦ୍ୟାଳୟ ଓ ରାଜଧାନୀ ବଧିର ବିଦ୍ୟାଳୟର ପ୍ରାୟ ୨୦୦ ଛାତ୍ରଛାତ୍ରଙ୍କୁ ଭୋଜି ପ୍ରଦାନ କରାଯାଇଥିଲା । ବାଣୀ ବିହାର ୮୦, ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାରରେ ୧୯୭୮-୮୦ରେ ଅଧିସ୍ନାତକ କରିଥିବା ଛାତ୍ରଛାତ୍ରୀମାନଙ୍କର ଏକ ସରକାରୀ ତାଲିକାଭୁକ୍ତ ଅନୁଷ୍ଠାନ ।ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ/ସଦସ୍ୟା କୋଷାଧକ୍ଷ ଶ୍ରୀ ପରେଶ ମହାନ୍ତି, ପ୍ରତୀପ ମିଶ୍ର, ମହେଶ୍ୱର ରଥ, ଅଲେଖ ନନ୍ଦୀ, ଗୀତାଞ୍ଜଳି ମହାପାତ୍ର, ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ସଭାପତି ଶ୍ରୀ ଶରତ ଦାଶ ଯୋଗଦାନ କରିଥିଲେ ।

# କାକଟପୁର କଂଗ୍ରେସ ପକ୍ଷରୁ ବ୍ଲକ ଘେରାଉ



କାକଟପୁର (ପି.ଏନ): ରାଜ୍ୟ କଂଗ୍ରେସ କମିଟି ଆହ୍ୱାନ କ୍ରମେ କାକଟପୁର ବ୍ଲକ କଂଗ୍ରେସ ସଭାପତି ଅବଧୂତ ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବ୍ଲକ ଘେରାଉ କରି ଏକ ପଥପ୍ରାନ୍ତ ସଭା କରିଥିଲେ। କାକଟପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ତଥା ପ୍ରଦେଶ କଂଗ୍ରେସ କମିଟିର ଉପସଭାପତି ବିଶ୍ୱଭୂଷଣ ଦାସ, କାକଟପୁର ବ୍ଲକ କଂଗ୍ରେସ ସଭାପତି ଅବଧୁତ ସ୍ୱାଇଁ, ପଞ୍ଚାୟତ ସଭାପତି ନଳିନୀ କାନ୍ତ ଦୀକ୍ଷିତ,ଓଥକା ପଞ୍ଚାୟତ ସଭାପତି କୃଷ୍ଣଚନ୍ଦ୍ର ବିଶ୍ୱାଳ, ବରିଷ୍ଠ ଆଇନଜୀବି ତଥା କୃଷକ ନେତା ପ୍ରଫୁଲ୍ଲ କୁମାର ନାୟକ,ସମ୍ମାନୀୟ ଅତିଥି ବ୍ଲକ କଂଗ୍ରେସ ଶୃଙ୍ଖଳା କମିଟିର ସଭାପତି ବିଚିତ୍ରାନନ୍ଦ ଦାଶ,ଯୁବ ସଂଗଠକ ସୈାମ୍ୟକାନ୍ତ ଖୁଣ୍ଟିଆ,ଯଶୋବନ୍ତ ନାରାୟଣ ମହାନ୍ତି,ସୁକାନ୍ତ ପରିଡ଼ା, ଅରକ୍ଷିତ କାଣ୍ଡି,ତପନ କୁମାର କାଣ୍ଡି, ଶଙ୍କର ମଲିକ ପ୍ରମୁଖ ଯୋଗଦେଇ କାକଟପୁର ବ୍ଲକରେ ପିସି କାରବାର,ମିଶନଶକ୍ତି ନିଯୁକ୍ତିରେ ଘୋଟାଲା,ଆବାସ ଯୋଜନାରେ ଦୁର୍ନୀତି,ବେକାରୀ ସମସ୍ୟା,ଦରଦାମ ବୃଦ୍ଧି, ନାରୀ ନିର୍ଯ୍ୟାତନା,ଚାଷୀମାରଣ ନୀତି, କେନାଲରେ ପର୍ଯ୍ୟାପ୍ତ ପରିମାଣରେ ପାଣି ନ ଆସିବା, ବ୍ୟୟବହୁଳ ,ଓ ଟାଟା କମ୍ପାନୀର ବିଜୁଳି ଉପଭୋକ୍ତା ମ୍ରାଣ ନୀତି ସୁହାଣପୁର ଓ କାହା ନିର୍ଦ୍ଧ ?ଶରେ ସମିତି ବୈଠକରେ ନିର୍ବାଚିତ ପ୍ରତିନିଧିଙ୍କୁ ଅଣଦେଖା ପ୍ରଭୃତି ସ୍ଥାନୀୟ ସମସ୍ୟା ଉପରେ ସରକାରଙ୍କୁ ସମାଲୋଚନା କରିବା ସହ ଓଡ଼ିଶାର ମହାମହିମ ରାଜ୍ୟପାଳ ଙ୍କ ଉଦେଶ୍ୟରେ ୯ ଦଫା ଏକ ଦାବିପତ୍ର ବିଡ଼ିଓ ଙ୍କୁ ପ୍ରଦାନ କରିଥିଲେ କ୍ଷ ବିଭିନ୍ନ ପଞ୍ଚାୟତ ରୁ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ କ୍ଷ ଆଇନ ଶୃଙ୍ଖଳା ଦିଗରେ କାକଟପୁର ଥାନା ଭାରପ୍ରାପ୍ତ ଅଧିକାରୀ ଉମେଶ ସାହୁ ଙ୍କ ତତ୍ୱାବଧାନରେ ରେ ପୋଲିସ ଫୋର୍ସ ମୁତୟନ ହୋଇଥିଲେ ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray